କୁନିମୁନର ବାଙ୍କଦେଖା

ନଟବର ଖୁଣ୍ଟିଆ



Digitized by sujaulia@gmail.com

ଜୁନମୁନର ବ୍ୟାଙ୍କଦେଖା

ଶ୍ରୀ ନଟବର ଖୁଣ୍ଟିଆ

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ : ମନୋଜକୁମାର ମହାପାତ୍ର
ଗ୍ରନ୍ଥମନ୍ଦିର, ବନୋଦବଡାଣ୍ଡ, କଟକ-୨

ମୁଦ୍ରକ : ଲିପିକାର, ଝାଞ୍ଜିପ୍ରସଙ୍ଗଳା, କଟକ-୯

ପ୍ରଥମ ମୁଦ୍ରଣ : ୧୯୯୨

ମୂଲ୍ୟ : ୯୍

Digitized by srujanika@gmail.com

ସୂଚୀ

୧ ।	କୁନ୍‌ମୁନ୍ ବ୍ୟାଙ୍କ ଦେଖିବାକୁ ଗଲ୍	୧
୨ ।	ବ୍ୟାଙ୍କର କାମ କ'ଣ ?	୩
୩ ।	କେନ୍ଦ୍ର ବ୍ୟାଙ୍କ	୯
୪ ।	ଗ୍ରାମାଞ୍ଚଳର ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା	୧୦
୫ ।	ଫଗୁଆଚ ଜମାରୁ ଋଣ ବିଆଯାଏ	୧୨
୬ ।	ଜାତୀୟକରଣ ବ୍ୟାଙ୍କ କ'ଣ ?	୧୬
୭ ।	ଗ୍ରାମାଞ୍ଚଳ ବିକାଶ ପାଇଁ ବ୍ୟାଙ୍କ	୧୯
୮ ।	ବିକାଶ ବ୍ୟାଙ୍କ	୨୦
୯ ।	ଆକାଉଣ୍ଟ ଖୋଲିବା ପ୍ରଣାଳୀ	୨୨
୧୦ ।	ଟଙ୍କା ଉଠାଇବ କିପରି ?	୨୬
୧୧ ।	ବ୍ୟାଙ୍କର ବିଭିନ୍ନ ସେବା	୨୭

Digitized by srujanika@gmail.com

୧। କୁନ୍‌ମୁନ୍ ବ୍ୟାଙ୍କ୍ ଦେଖିବାକୁ ଗଲା

କୁନ୍‌ମୁନ୍ ମନେମନେ ଠିକ୍ କରିଛି ସେ ଆଜି ଯେମିତିହେଲେ ଜେଜେବାପାଙ୍କ ସାଥିରେ ବ୍ୟାଙ୍କ ଦେଖିବାକୁ ଯିବ । ତା' ଜେଜେବାପା ଗୌରମୋହନ ସାମନ୍ତସପ୍ତ ଗତ ବର୍ଷେ ଦେବ ସରକାର୍ଙ୍କ ଗ୍ଲୋବାଲ୍ ଅବସରନେଇ ଗାଁରେ ରହୁଛନ୍ତି । ତାଙ୍କ ଗାଁ ପଣସୁଆପଡ଼ାଠାରୁ ଗୁଣ କଲମିଟର ଦୂରରେ ନାଗପୁଣପୁର । ସେ ଗାଁରେ ଏକ ଜାଗପ୍ରକରଣ ବ୍ୟାଙ୍କ ଇଣ୍ଡିଆନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଶାଖାଟିଏ ଖୋଲିଛି । ସେଇ ବ୍ୟାଙ୍କରୁ ତା' ଜେଜେବାପା ପ୍ରତିମାସରେ ଯାଇ ପେନ୍‌ସନ ଟଙ୍କା ଆଣନ୍ତି । ବ୍ୟାଙ୍କରେ କପଡ଼ା ଟଙ୍କା ନେଣଦେଣ ହୁଏ, ସେକଥା ଜାଣିବାକୁ କୁନ୍‌ମୁନ୍‌ର ଭାରି ଇଚ୍ଛା । ସେ ପ୍ରତିଥର ଜେଜେବାପାଙ୍କ ସଙ୍ଗ ବ୍ୟାଙ୍କ ଦେଖିପିବାକୁ ବାହାରେ; କିନ୍ତୁ ସ୍କୁଲ୍ ଥାଏ ବୋଲି ପାଠପଢ଼ା ବନ୍ଦ ହେବବୋଲି ଜେଜେବାପା ତାକୁ ସାଙ୍ଗରେ ନଅନ୍ତି ନାହିଁ । ଏବେ ପରୀକ୍ଷା ପରେ ସ୍କୁଲ୍ ଛୁଟି ହୋଇଛି । ପରୀକ୍ଷାଫଳ ମଧ୍ୟ ବାହାର ସାରିଲଣି । କୁନ୍‌ମୁନ୍ ତା' ଶ୍ରେଣୀରେ ପ୍ରଥମ ହୋଇ ଅଷ୍ଟମରୁ ନବମ ଶ୍ରେଣୀକୁ ଉଠିଛି । ଜେଜେବାପା ତା' ଉପରେ ଭାରି ଖୁସି । ଆଜି ତାଙ୍କର ପେନ୍‌ସନ ଟଙ୍କା ଆଣିବା ଦିନ । ସେ ସକାଳୁ ସକାଳୁ ହୋଇ ବ୍ୟାଙ୍କକୁ ବାହାରିଲାବେଳକୁ କୁନ୍‌ମୁନ୍ ମଧ୍ୟ ସକାଳୁ ସକାଳୁ ହୋଇ ତାଙ୍କ ପାଖରେ ଯାଇ ହାଜର ।

"ଆରେ ତୁ କୁଆଡ଼େ ବାହାରପଡ଼ିଲୁ ?"—ଜେଜେବାପା ପ୍ରଶ୍ନକଲେ ।

"ତୁମେ ଯୁଆଡ଼େ ମୁଁ ସେଆଡ଼େ ।"—କୁନ୍‌ମୁନ୍ ଦସିଦସି କହିଲା ।

"ମୁଁ ପର ବ୍ୟାଙ୍କକୁ ଯାଉଛି—ପେନ୍‌ସନ ଟଙ୍କା ଆଣିବା ପାଇଁ, ଆଉ ତୁ କୁଆଡ଼େ ଯିବୁ ?"—ଜେଜେବାପା ପଚାରିଲେ ।

"ତୁମ ବର୍ଷେ ହେଲା ମୋତେ କହୁଛ ହେଲେ ସାଙ୍ଗରେ ବ୍ୟାଙ୍କକୁ ନେଉ ନାହଁ —କହୁଚ କ'ଣ ନା ପାଠପଢ଼ା ମାଟିକରି ବ୍ୟାଙ୍କକୁ କାହିଁକି ଯିବ ? ଆଜି ତ ସ୍କୁଲ୍ ଛୁଟି । ମୋର ବ୍ୟାଙ୍କ ବିଷୟରେ ଜାଣିବାକୁ ଭାରି ମନ । ମୋତେ

Digitized by srujanika@gmail.com

ତମେ ଆଜ ତମ ସାଙ୍ଗରେ ବ୍ୟାଙ୍କକୁ ନେଇଗଲ । ବ୍ୟାଙ୍କରେ କ'ଣ ସବୁ କାମ ହୁଏ, ମୁଁ ନିଜ ଆଖିରେ ଦେଖିବି ।"--କୁନ୍‌ମୁନ୍ ଅଡ଼ୁବସି କହିଲା ।

କୁନ୍‌ମୁନ୍‌ର କଥା ଶୁଣି ଜେଜେବାପା ଆଉ ମନା କରିପାରିଲେ ନାହିଁ । କହିଲେ—"ହଉ ଚେବେ ଗୁଲ୍ ।"

ଜେଜେବାପାଙ୍କ ବୟସ ଆସି ଷାଠିଏ ହେଲଣି । ସେ କନ୍ତୁ ଖୁବ୍ ସୁସ୍ଥ ସବଳ ଅଛନ୍ତି । ଏବେ ବି ସେ ଯୁଆଡ଼େ ଯାଆନ୍ତି ସାଇକେଲ୍ ଚଢ଼ି ଯାଆନ୍ତି । ତାଙ୍କର ସାଙ୍ଗର ଲୋକେ ଅବସର ନେଲାପରେ ଅଧିକାଂଶ ଘରେ ବସିରହୁଛନ୍ତି—ବଶେଷ ଯା'-ଆସ କରନ୍ତି ନାହିଁ । ସେ ଖୁବ୍ ସହଜରେ କୁନ୍‌ମୁନ୍‌କୁ ତାଙ୍କ ସାଇକେଲ କ୍ୟାରିଅର୍‌ରେ ବସାଇ ବ୍ୟାଙ୍କ ଆଡ଼େ ସାଇକେଲ ଚଡ଼ାଇଲେ ।

ସାଇକେଲ ଚଳାଇଲାବେଳେ ଜେଜେବାପା କହୁଥାନ୍ତି—"ଦେଖ୍ କୁନ୍‌ମୁନ୍ ! ମୁଁ ଆଜ ଷାଠିଏ ବର୍ଷ ବୟସରେ ତୋରେ ସାଇକେଲରେ ବସାଇ କେମିତି ନେଇଯାଇ ପାରୁଛି । ମୁଁ ସୁସ୍ଥସବଳ ହେବାର କାରଣ ହେଲା—ମୁଁ ସବାବେଳେ ସ୍ୱାସ୍ଥ୍ୟପ୍ରତି ଯତ୍ନ ନେଉଛି । ପାନ, ବଡ଼, ସିଗାରେଟ୍ କି ଅନ୍ୟାନ୍ୟ କିଛି ନିଶା ଜିନିଷ ଖାଏ ନାହିଁ । ନିୟମିତ ଠିକ୍ ସମୟରେ ଖାଏ । ଏ ବୟସରେ ବ୍ୟାୟାମ ମଧ୍ୟ କରିବା ଚୁ ଦେଖିଛୁ । ଚୁ ପିଲାବେଳୁ ସ୍ୱାସ୍ଥ୍ୟପ୍ରତି ଯତ୍ନ ନେଲେ ମୋ ପରି ଷାଠିଏ ବର୍ଷ ବୟସରେ ମଧ୍ୟ ସୁସ୍ଥ ରହିବୁ ।" ଇମିତି କଥା ଗପିଗପି ସାଇକେଲ ଚଳାଇ ବ୍ୟାଙ୍କରେ ପହଞ୍ଚିଲେ ଜେଜେବାପା ।

ସାଇକେଲ୍‌ଟିକୁ ଷ୍ଟାଣ୍ଡରେ ରଖି କୁନ୍‌ମୁନ୍ ସହ ବ୍ୟାଙ୍କ ଭିତରକୁ ପଶିଲେ । ବେଳକୁ ମୁଖ୍ୟ ଦରଜା ପାଖରେ ଛିଡ଼ାହୋଇଥିବା ବର୍ଦ୍ଧକ୍ୟାସ୍ତ ଦରୱାନ୍‌ଟି ଟିକେ ମୁରୁକି ହସି ସାମନ୍ତରପୁବାବୁଙ୍କୁ ନମସ୍କାର କରି କହିଲା—"କ'ଣ ଆଜ୍ଞା ଆସିଲେ ଫେନ୍‌ସନ୍ ନେବା ପାଇଁ ?"

—"ହଁ ।"

—"ଆପଣଙ୍କ ସାଙ୍ଗରେ ଏ ପିଲାଟି କିଏ ?"

—"ସେ ମୋ ନାତୁଣୀ—ବ୍ୟାଙ୍କ ଦେଖିବାକୁ ଆସିଛୁ ।"

"ହଉ ଭଲ କଥା—ତାହାହେଲେ ଭିତରକୁ ନେଇଯାଆନ୍ତୁ ।"

ଅଜା ନାତୁଣୀ ଦୁଇଜଣ ବ୍ୟାଙ୍କ ଭିତରକୁ ଗଲେ ।

Digitized by srujanika@gmail.com

୨ । ବ୍ୟାଙ୍କର କାମ କ'ଣ ?

ସାମନ୍ତରାପ୍ତ ବାବୁ କୁନ୍‌ମୁନ୍‌କୁ ଧରି ପ୍ରଥମେ ମ୍ୟାନେଜର ବାବୁଙ୍କ କୋଠରୀରେ ପଶିଲେ । ମ୍ୟାନେଜର ବାବୁ ଏକ ଖାତରେ କ'ଣ ସବୁ କାଗଜରେ ଦସ୍ତଖତ କରୁଥିଲେ । ସାମନ୍ତରାପ୍ତ ବାବୁ ମ୍ୟାନେଜରଙ୍କୁ ନମସ୍କାର କରିବାମାତ୍ରେ ସେ ତାଙ୍କ ଦୃଷ୍ଟି ଫେରାଇ ସାମନ୍ତରାପ୍ତ ବାବୁଙ୍କୁ ପ୍ରତିନମସ୍କାର ଜଣାଇଲେ । ତାଙ୍କ ପଢ଼ ପିଲ୍‌ଟିଏ ଥିବା ଦେଖି ମ୍ୟାନେଜରବାବୁ ପଚାରିଲେ—"ଏ ପିଲ୍‌ଟି କିଏ ?"

"ଆଜ୍ଞା ସେ ମୋ ନାତୁଣୀ । ସେ ଆଜି ଏକଜିଦ୍ କରି ମୋ ସଙ୍ଗରେ ବ୍ୟାଙ୍କ ଦେଖିବାକୁ ଆସିଛି । ବ୍ୟାଙ୍କରେ କପଡ଼ା କାରବାର ହୁଏ ତା'ର ଜାଣିବାକୁ ଘରି ମନ ।" ସାମନ୍ତରାପ୍ତବାବୁ କହିଲେ ।

ଏତକ ଶୁଣିବାପରେ ମ୍ୟାନେଜରବାବୁ ସାମନ୍ତରାପ୍ତବାବୁ ଆଉ କୁନ୍‌ମୁନ୍‌କୁ ତାଙ୍କ ଆଗରେ ପଡ଼ିଥିବା ଚଉକରେ ବସିବାକୁ ଅନୁରୋଧ କରି କହିଲେ—"ଆପଣମାନେ ଟିକେ ଅପେକ୍ଷା କରନ୍ତୁ । ମୁଁ ଏ ଖାତଚରଗୁଡ଼ାକରେ ଦସ୍ତଖତ କରିଦେଇ—ତା'ପରେ କଥାହେବା ।"

ମ୍ୟାନେଜରବାବୁ ଥାକେ ହେବ ଖାତଚରରେ ଦସ୍ତଖତ କଲାପରେ ଘଣ୍ଟି ବଜାଇ ପିଅନକୁ ଡାକିଲେ ସେଗୁଡ଼ାକ ନେଇଯିବା ପାଇଁ । ପିଅନ୍ ଆସି ନେବା-ପରେ ମ୍ୟାନେଜରବାବୁ ସ୍ମିତ ହସି କୁନ୍‌ମୁନ୍ ଆଡ଼େ ଚାହିଁ ପଚାରିଲେ—"ମାଆ, ତମ ନାଁ କ'ଣ ?"

"ମୋ ନାଁ ସୁସ୍ମିତା ସାମନ୍ତରାପ୍ତ—ମୋତେ ଘରେ କୁନ୍‌ମୁନ୍ ବୋଲି ଡାକନ୍ତି ।" —କୁନ୍‌ମୁନ୍ ଟିକେ ଲାଜେଇ କରି କହିଲା ।

"ଖୁବ୍ ଭଲ ନାଁଟିଏ ତ ତମର ! କେଉଁ କ୍ଲାସରେ ପଢ଼ୁଛ ?"

"ଅଷ୍ଟମରୁ ନବମକୁ ଉଠିଲା ।"

"ତମେ ବ୍ୟାଙ୍କ ବିଷୟରେ କ'ଣ ଜାଣିବାକୁ ଚାହୁଁଛ ?"

"ବ୍ୟାଙ୍କ କ'ଣ ମୁଁ କିଛି ଜାଣେ ନାହିଁ । ବ୍ୟାଙ୍କର କାମ କ'ଣ ମୋର ଜାଣିବାକୁ ଘରି ମନ ।"

Digitized by srujanika@gmail.com

୪ ବ୍ୟାଙ୍କର କାମ କ'ଣ ?

"ବୁଝିଲେ ସାମନ୍ତରାୟବାବୁ —ବ୍ୟାଙ୍କ ବିଷୟରେ ଆମ ପିଲାମାନେ ଜାଣିବା ଉଚିତ । ଆମର ଦୈନନ୍ଦିନ ଜୀବନରେ ବ୍ୟାଙ୍କ ଧୀରେ ଧୀରେ ଗୁରୁତ୍ୱ-ପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛୁ । ଆଜି ଆପଣଙ୍କ ନାତୁଣୀ କୁନ୍‌ମୁନ୍ ବ୍ୟାଙ୍କ ବିଷୟରେ ଜାଣିବାକୁ ନଜଆଡୁ ଆଗ୍ରହ ପ୍ରକାଶ କରିବା ଶୁଣି ମୁଁ ଖୁବ୍ ଆନନ୍ଦିତ ।" —ମ୍ୟାନେଜରବାବୁ ସାମନ୍ତରାୟବାବୁଙ୍କୁ କହିଲେ ।

"ଆପଣ ଟିକେ ଟାକୁ ବ୍ୟାଙ୍କ ବିଷୟରେ କୁହନ୍ତୁ । ମୁଁ ଭିତରକୁ ଯାଇ ମୋ ଫ୍ରେନ୍‌ସନ୍ ଟଙ୍କା ଉଠାଇବାର ବ୍ୟବସ୍ଥା କରେ ।"—ସାମନ୍ତରାୟବାବୁ ମ୍ୟାନେଜର ବାବୁଙ୍କୁ କହିଲେ ।

"ଚଳ ଆସନ୍ତୁ ।"

ସାମନ୍ତରାୟ ବାବୁ ସେଠୁ ଉଠି ବ୍ୟାଙ୍କିଙ୍ଗ୍ ହଲ୍ ଭିତରକୁ ଗଲାଗଲେ ।

ସାମନ୍ତରାୟବାବୁ ବ୍ୟାଙ୍କିଙ୍ଗ୍ ହଲ୍‌କୁ ଗଲାପରେ ମ୍ୟାନେଜରବାବୁ କୁନ୍‌ମୁନ୍‌କୁ କହିଲେ—"ଶୁଣ, ତମର ମନକୁ ଯେଉଁସବୁ ପ୍ରଶ୍ନ ଆସୁଛି, ତମେ ଟପ୍‌ଟର—ମୁଁ ତା'ର ଉତ୍ତର ଦେବ ।"

"ସାର୍, ବ୍ୟାଙ୍କର ମୁଖ୍ୟ କାମ କ'ଣ ?"—କୁନ୍‌ମୁନ୍‌ର ଏଡ଼ା ଥିଲା ପ୍ରଥମ ପ୍ରଶ୍ନ ।

ଉତ୍ତରରେ ମ୍ୟାନେଜର ବାବୁ କହିଲେ—ବ୍ୟାଙ୍କର ମୁଖ୍ୟ କାମ ହେଲା ଜନସାଧାରଣ ଓ ବିଭିନ୍ନ ଅନୁଷ୍ଠାନମାନଙ୍କଠାରୁ ବିଭିନ୍ନ ଜମା ଯୋଜନା ମାଧ୍ୟମରେ ଅର୍ଥ ସଂଗ୍ରହ କରିବା । ସେହି ସଂଗୃହୀତ ଜମାକୁ ଯେଉଁମାନେ ବିଭିନ୍ନ ପ୍ରକାର ଉତ୍ପାଦନମୂଳକ କାମ ଓ ବ୍ୟବସାୟରେ ବିନିଯୋଗ କରିବାକୁ ଗୁହାନ୍ତି, ସେମାନଙ୍କୁ ଋଣ ସୂତ୍ରରେ ଯୋଗାଇଦେବା । ଯେଉଁମାନେ ବ୍ୟାଙ୍କରେ ଟଙ୍କା ଜମା କରନ୍ତି ସେମାନଙ୍କୁ ବ୍ୟାଙ୍କ ସୁଧ ଦିଏ । ଯେଉଁମାନେ ଋଣ ନଅନ୍ତି, ସେମାନେ ମଧ୍ୟ ବ୍ୟାଙ୍କକୁ ସୁଧ ଦିଅନ୍ତି । ସାଧାରଣତଃ ଟଙ୍କା ଜମାକାରୀମାନଙ୍କୁ ବ୍ୟାଙ୍କ ଯେଉଁ ହାରରେ ସୁଧ ଦିଏ, ଋଣ ଗ୍ରହୀତାଙ୍କଠାରୁ ତା'ଠାରୁ କିଛି ଅଧିକ ହାରରେ ସୁଧ ଆଦାୟକରେ । କମ୍ ସୁଧରେ ଜମା ସଂଗ୍ରହ କରି ଅଧିକ ସୁଧରେ ଋଣ ଲଗାଇ-ଥିବା ଯୋଗୁଁ ଯେଉଁ ଆୟ ମିଳେ, ସେହି ଆୟରୁ ବ୍ୟାଙ୍କ ତାହାର ପରିଚାଳନା ଖର୍ଚ୍ଚ ଉଠାଏ ଆଉ ବ୍ୟବସାୟରେ ଖଟାଇଥିବା ମୂଳଧନ ପାଇଁ ଲାଭ ମଧ୍ୟ କରେ ।"

Digitized by srujanika@gmail.com

"ଜମାକାରୀମାନଙ୍କୁ ବ୍ୟାଙ୍କ କ ଦ୍ୱାରରେ ସୁଧ ଦଏ, ଆଉ ଋଣ ଗ୍ରହୀତାଙ୍କ-ଠାରୁ କ ଦ୍ୱାରରେ ସୁଧ ଆଦାୟ କରେ ?" —କୁନ୍‌ମୁନ୍ ଜାଣିବାକୁ ଗ୍ଭହିଁଲା ।

"ବଭନ୍ନ ଜମା ଯୋଜନା ପାଇଁ ସୁଧହାର ଭନ୍ନ ଭନ୍ନ । ଯେତ ଅଧିକ ସମୟ ପାଇଁ ବ୍ୟାଙ୍କରେ ଟଙ୍କା ଜମା ରଖିବ ସେତେ ଅଧିକ ସୁଧ ମିଳବ । ବଭନ୍ନ ଲୋକଙ୍କର ଗ୍ଭହିଦାକୁ ଗ୍ଭହିଁ ଭନ୍ନ ଭନ୍ନ ଜମା ପରକଲ୍ପନା ସବୁ କରାଯାଇଛି ।"

ମ୍ୟାନେଜର ବାବୁ ତାଙ୍କ କଥା ଶେଷ ନକରୁଣ୍ଡ କୁନ୍‌ମୁନ୍ ପଗ୍ଭରିଲା— "ସାର୍ ! ଭନ୍ନ ଭନ୍ନ ଜମା ଯୋଜନାର ନାମ ସବୁ କ'ଣ ? ସେହିବୁ ଯୋଜନାରେ କେତେ ସୁଧ ମିଳେ ?"

ମ୍ୟାନେଜର କହିଲେ—ବର୍ତ୍ତମାନ ବଭନ୍ନ ବ୍ୟାଙ୍କ ବଭିନ୍ନପ୍ରକାର ଜମା ଯୋଜନା ମାଧ୍ୟମରେ ଜମା ସଂଗ୍ରହ କରୁଛନ୍ତି । ମୁଁ କେତୋଟି ମୁଖ୍ୟ ଜମା ଯୋଜନା କଥା କହୁଛି ଶୁଣ ।

ଯେଉଁମାନେ ସେମାନଙ୍କର ବଳକା ଅର୍ଥରୁ କିଛି କିଛି ସଞ୍ଚୟ କରିବାକୁ ଗ୍ଭହାଁନ୍ତି, ଆଉ ଦରକାର ପଡ଼ିଲେ ମଝିରେ ମଝିରେ ଉଠାଇ ଆଣି ନଜର ଟର୍ଚ୍ଚ ଚଳାଇବାକୁ ଗ୍ଭହାଁନ୍ତି, ସେମାନଙ୍କ ପାଇଁ 'ସେଭିଂସ ବ୍ୟାଙ୍କ' ଆକାଉଣ୍ଟ ବା 'ସଞ୍ଚୟ ବ୍ୟାଙ୍କ ଖାତା' ଖୋଲିବାର ବ୍ୟବସ୍ଥା ଅଛି । ଜଣେ ୫ ଟଙ୍କା ଦେଇ ଖାତାଟିଏ ଖୋଲିପାରିବ । ଏଥିରେ ସୁଧ ବାର୍ଷିକ ଶତକଡ଼ା ୫ ହାରରେ ମିଳେ ।"

ଯେଉଁମାନଙ୍କର ବ୍ୟବସାୟ ଅଛି, ଆଉ ସେମାନେ ସବାବେଳେ ଟଙ୍କା ଦେଇ ନେଣ-ଦେଣ କରୁଛନ୍ତି--ଦରକାର ପଡ଼ିଲେ ଦିନକରେ ଏକାଧିକ ଥର ଟଙ୍କା ଉଠାଇ ପାରିବେ ଆଉ ଏକାଧିକ ବାର ଟଙ୍କା ମଧ୍ୟ ଜମା ଦେଇପାରିବେ । ସେମାନଙ୍କ ପାଇଁ 'କରେଣ୍ଟ୍ ଆକାଉଣ୍ଟ' ବା 'ଚଳନ୍ତି ଜମାଖାତା' ଖୋଲିବାର ବ୍ୟବସ୍ଥା ହୋଇଛି । ଏହି ଆକାଉଣ୍ଟରେ ବ୍ୟାଙ୍କ କିଛି ସୁଧ ଦିଏ ନାହିଁ, ବରଂ ବାର୍ଷିକ କିଛି କମିଶନ ଖାତାଧାରୀଙ୍କ ଠାରୁ ଆଦାୟକରେ ।

ଏହି ସମୟରେ ବ୍ୟାଙ୍କର ପିଅନ୍ ଆସି କ'ଣ ଗୋଟାଏ ଖାତାରେ ଦସ୍ତଖତ କରାଇନେଲା ।

"ସାର୍, ଆମ ଜେଜେବାପା କ'ଣ ଗୋଟାଏ ଶିକର ଆକାଉଣ୍ଟ ଖୋଲିଛନ୍ତି ବୋଲି କହୁଥିଲେ ?" —କୁନ୍‌ମୁନ୍ ପ୍ରଶ୍ନ କଲା ।

Digitized by srujanika@gmail.com

ମ୍ୟାନେଜରବାବୁ କହିଲେ—"କହୁଛୁ ଶୁଣ । ଯେଉଁମାନେ ପ୍ରତି ମାସରେ ନିର୍ଦ୍ଦିଷ୍ଟ ପରିମାଣର କିଛି ଟଙ୍କା ସଞ୍ଚୟ କରିପାରିବେ, ସେମାନଙ୍କ ପାଇଁ ବ୍ୟାଙ୍କ 'ରିକରିଂ ଆକାଉଣ୍ଟ' ବା 'ମୁନଃପୌନିକ ଜମାଖାତା' ଖୋଲିବାର ବ୍ୟବସ୍ଥା କରିଛୁ । ଏଇ ଦେଖ ତମେ ଏ ବର୍ଷ ନବମ ଶ୍ରେଣୀକୁ ଉଠିଲ—ଆଉ ଦୁଇ ବର୍ଷ ପରେ କଲେଜରେ + ୨ ଶ୍ରେଣୀରେ ପଢ଼ିବ । ସେତେବେଳେ କଲେଜରେ ନାଁ ଲେଖାଇବାକୁ ଆଉ ବହିପତ୍ର କିଣିବା ପାଇଁ ଏକକାଳୀନ ଅଧିକ ଟଙ୍କା ଦରକାର ପଡ଼ିବ । ଆଜଠାରୁ ୨୪ ମାସ ପାଇଁ ତମେ ଯଦି ପ୍ରତି ମାସରେ ୨୦ ଟଙ୍କା କରି ଜମା କରିବ ୨୪ମାସ ପରେ ପାଇବ ୫୩୮ ଟଙ୍କା । ସେଥି ଟଙ୍କାରେ ତମର ନାଁଲେଖା ଓ ବହି କଣା ଖର୍ଚ୍ଚ ଚଳିପିବ । ରିକରିଂ ଆକାଉଣ୍ଟ ୧୨ ମାସଠାରୁ ଆରମ୍ଭ କରି ୧୨୦ ମାସ ପାଇଁ ଖୋଲି ପାରିବ । ଏଥିପାଇଁ ସୁଧହାର ବାର୍ଷିକ ଶତକଡ଼ା ୧୨ ରୁ ୧୩ ପର୍ଯ୍ୟନ୍ତ ଚକ୍ରବୃଦ୍ଧି ହାରରେ ଦିଆଯାଏ ।

"ବ୍ୟାଙ୍କର ଆଉ ଗୋଟାଏ ପ୍ରକାର ଜମା ପରିକଳ୍ପନା ଅଛି । ତାହା ଖୁବ୍ ଲୋକପ୍ରିୟ । ସେଇଟି ହେଲା 'ଫିକ୍ସଡ୍ ଡିପୋଜିଟ୍' ବା 'ସ୍ଥାୟୀ ଜମା' । ମନେକର ତମେ କୌଣସି ଏକ ସମୟରୁ ଏକକାଳୀନ କିଛି ଟଙ୍କା ପାଇଗଲ । ବର୍ତ୍ତମାନ ସେ ଟଙ୍କା ଖର୍ଚ୍ଚ କରିବାର ଆବଶ୍ୟକତା ନାହିଁ । ଭବିଷ୍ୟତର ଆବଶ୍ୟକତାକୁ ଗୁହ୍ନି ବ୍ୟାଙ୍କରେ ନିର୍ଦ୍ଦିଷ୍ଟ ସମୟ ପାଇଁ ସ୍ଥାୟୀ ଜମା ଖାତା ଖୋଲି ରଖିପାରିବ । ୭୬ ଦିନଠାରୁ ୧୦ ବର୍ଷ ପର୍ଯ୍ୟନ୍ତ ଟଙ୍କା ରଖାପାଇ ପାରିବ । ସମୟସୀମାକୁ ଗୁହ୍ନି ସୁଧ ଶତକଡ଼ା ବାର୍ଷିକ ୧୧ ରୁ ୧୩ ପର୍ଯ୍ୟନ୍ତ ଚକ୍ରବୃଦ୍ଧି ହାରରେ ମିଳେ ।

"ବଭିନ୍ନ ଲୋକଙ୍କର ବଭିନ୍ନ ଆବଶ୍ୟକତାକୁ ଗୁହ୍ନି ବ୍ୟାଙ୍କମାନେ ଭିନ୍ନଭିନ୍ନ ସ୍ଥାୟୀ ଜମା ଯୋଜନା ସବୁ ପ୍ରସ୍ତୁତ କରି ଜମା ସଂଗ୍ରହ କରୁଛନ୍ତି ।"

କୁମ୍ମୁନ୍ କହିଲା—"ତାହାହେଲେ ସାର୍ ବ୍ୟାଙ୍କମାନେ ଏତେପ୍ରକାରର ଜମା ଯୋଜନା ମାଧ୍ୟମରେ ଜମା ସଂଗ୍ରହ କରୁଛନ୍ତି ?"

"ମୁଁ ତୁମକୁ ଯେଉଁସବୁ ଜମା ଯୋଜନା କଥା କହିଲି ସେସବୁ କେତୋଟି ମୌଳିକ ପରିକଳ୍ପନା । ଏହା ବ୍ୟତୀତ ବ୍ୟାଙ୍କମାନେ ଆହୁରି କେତେ ଆକର୍ଷଣୀୟ ନାମରେ ଜମା ଯୋଜନାମାନ ପ୍ରସ୍ତୁତ କରି ଜମା ସଂଗ୍ରହ କରୁଛନ୍ତି ।" —ମ୍ୟାନେଜରବାବୁ କହିଲେ ।

Digitized by srujanika@gmail.com

ଏହି ସମୟରେ ପିଅନ୍ ଆସି କ'ଣ ଗୋଟାଏ ଖାତାରେ ମ୍ୟାନେଜରବାବୁଙ୍କ ଦସ୍ତଖତ କରାନେଲା, ଆଉ ବ୍ୟାଙ୍କିଙ୍ଗ୍ ଡଲ୍‌କୁଯାଇ ଆଉ କ'ଣ ଗୋଟାଏ ଖାତାରେ ଦସ୍ତଖତ କରବାକୁ କହିଲା । ମ୍ୟାନେଜରବାବୁ କୁନ୍‌ମୁନ୍‌କୁ ଟିକେ ବସିବାକୁ କହି ବ୍ୟାଙ୍କିଙ୍ଗ୍ ଡଲ୍‌କୁ ଗଲେ । କାଚ ପ୍ରକୋଷ୍ଠରୁ କୁନ୍‌ମୁନ୍ ଲକ୍ଷ୍ୟ କରୁଥାଏ ମ୍ୟାନେଜରବାବୁ କ'ଣ ଗୋଟିଏ ବଡ଼ ଖାତାରେ ଦସ୍ତଖତ କରୁଥାନ୍ତି ।

ମ୍ୟାନେଜରବାବୁ ଦସ୍ତଖତପାର ପୁଣି ଫେରିଆସିଲେ ତାଙ୍କ ପ୍ରକୋଷ୍ଠକୁ । ସାର୍, ଆପଣ ତ ଜନା ଉପରେ ବ୍ୟାଙ୍କ ଜମାକାରୀମାନଙ୍କୁ ଦେଉଥିବା ସୁଧହାର କଥା କହିଲେ । ବ୍ୟାଙ୍କ କେଉଁଥିପାଇଁ ଲୋକମାନଙ୍କୁ ଋଣ ଦଏ, ଆଉ ଋଣ ନେଇଥିବା ଲୋକମାନେ କେଉଁ ଦାରରେ ସୁଧ ଦଅନ୍ତି ?"—କୁନ୍‌ମୁନ୍ ଜାଣିବାକୁ ଇଚ୍ଛାକଲା ।

ମ୍ୟାନେଜରବାବୁ କହିଲେ—"ବ୍ୟାଙ୍କ ସାଧାରଣତଃ ଉତ୍ପାଦନମୂଳକ କାର୍ଯ୍ୟ ପାଇଁ ଓ ବ୍ୟବସାୟ ପାଇଁ ଋଣଦଏ । କୃଷି, କୁଟୀରଶିଳ୍ପ, କ୍ଷୁଦ୍ରଶିଳ୍ପ, ମଧ୍ୟମ ଓ ବୃହତ୍ ଶିଳ୍ପ, କ୍ଷୁଦ୍ର ଓ ବୃହତ୍ ବ୍ୟବସାୟ, ପରିବହନ, ଆତ୍ମନିଯୁକ୍ତ ଇତ୍ୟାଦି ପାଇଁ ଋଣ ଦେଇଥାଏ । ସେଥିପାଇଁ ସୁଧହାର ମଧ୍ୟ ଭିନ୍ନ ଭିନ୍ନ ।"

"ସମାଜର ଅତି ଦୁର୍ବଳ ଶ୍ରେଣୀର ଲୋକେ, ଯେଉଁମାନେ ଦାରିଦ୍ର୍ୟର ସୀମାରେଖା ତଳେ ଅଛନ୍ତି, ସେମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି କରିବା ପାଇଁ ଋଣ ଦିଆଯାଉଛି । ଏଥିପାଇଁ ସୁଧହାର ବାର୍ଷିକ ଶତକଡ଼ା ମାତ୍ର ୪ ଭାଗ । ଏହି ପରିକଳ୍ପନାର ନାମ ହେଲା 'ଏଦାନ୍ତ ସୁଧହାର ପରିକଳ୍ପନା' ।"

"କୃଷି, କୁଟୀରଶିଳ୍ପ, କ୍ଷୁଦ୍ରଶିଳ୍ପ, କ୍ଷୁଦ୍ର ବ୍ୟବସାୟ ଆଉ ଆତ୍ମନିଯୁକ୍ତ ପାଇଁ ଋଣ ନେଲେ କମ୍ ସୁଧ ଦେବାକୁ ପଡ଼େ । ମଧ୍ୟମ ଓ ବୃହତ୍ ଶିଳ୍ପ ଏବଂ ବଡ଼ ବଡ଼ ବ୍ୟବସାୟ ପାଇଁ ଋଣ ନେଲେ ଅଧିକ ସୁଧ ଦେବାକୁ ପଡ଼େ । ଅବଶ୍ୟ ସୁଧହାର ବାର୍ଷିକ ଶତକଡ଼ା ୧୨ ରୁ ୧୨ ମଧ୍ୟରେ ସୀମିତ ।"

"ସାର୍, ଲୋକମାନେ ଋଣନେଲେ ପରିଶୋଧ କିପରି କରନ୍ତି ?" କୁନ୍‌ମୁନ୍ ପଚାରିଲା ।

"ଋଣନେଲେ କିପରି ତାକୁ ବିନିଯୋଗ କରିବ ଓ ସେଥିରୁ କିଭଳି ଭାବେ ଆୟ କରିବ ତା'ର ଏକ ବିସାବ ବା ପରିଯୋଜନା ପ୍ରତ୍ୟେକ ଋଣ ପ୍ରାର୍ଥୀ ପ୍ରସ୍ତୁତ କରନ୍ତି । ସେହି ପରିଯୋଜନା ଅନୁଯାୟୀ ସେ ବ୍ୟାଙ୍କକୁ କେତେଦିନଆ

Digitized by srujanika@gmail.com

କସ୍ତିରେ କେତେ ବର୍ଷରେ ସୁଧସହ ଋଣ ପରିଶୋଧ କରିବେ ତାହା ଠିକ୍ ହୁଏ। ଋଣ ଗ୍ରହୀତା ଋଣ ନେବା ସମୟରେ ନିର୍ଦ୍ଦିଷ୍ଟ ହୋଇଥିବା ସର୍ତ୍ତ ଅନୁଯାୟୀ ମାସିକଆ ଦେଉ, ଛ' ମାସିକଆ ଦେଉ କିମ୍ବା ବର୍ଷିକିଆ କସ୍ତିରେ ପରିଶୋଧ କରନ୍ତି।"

"ସାର୍, ଯଦି ଜଣେ ଋଣ ପରିଶୋଧ ନକରେ ତେବେ କ'ଣ ହେବ ?"— କୁନ୍‌ମୁନ୍ ପ୍ରଶ୍ନ କଲା।

"ବ୍ୟାଙ୍କ ସବାବେଳେ ଚେଷ୍ଟାକରେ ଋଣଗ୍ରହୀତା କଥରି ଠିକ୍ ସମୟରେ ଋଣ ପରିଶୋଧ କରୁ। ଏଥିପାଇଁ ବ୍ୟାଙ୍କ ବାରମ୍ବାର ଋଣଗ୍ରହୀତାଙ୍କ ଘାଟକୁଘାଇ ଋଣ ପରିଶୋଧ କରିବାକୁ ପ୍ରବର୍ତ୍ତାଇଥାଏ। ଯଦି ସମସ୍ତ ଚେଷ୍ଟା ବିଫଳ ହୁଏ, ତେବେ ଋଣଗ୍ରହୀତାଙ୍କ ନାମରେ ମକଦ୍ଦମା କରି ଟଙ୍କା ଆଦାୟ କରିଯାଏ।"

"ସାର୍, ଆମ ଗାଁର କେତେଜଣ ଲୋକ ଗାଁ ମୁଣ୍ଡରେ ଥିବା ବୁଢ଼ୀ ଠାକୁରାଣୀଙ୍କ ବରଗଛମୂଳ ବସି କଥା ହେଉଥିବାର ମୁଁ ଶୁଣିଥିଲି ଯେ ବନ୍ଧକ କମ୍ବା ଜାମିନ ନଦେଲେ ବ୍ୟାଙ୍କ ଋଣ ଦିଏ ନାହିଁ। ତାହାହେଲେ ଗାଁର ଗରିବ ଲୋକମାନେ ତ ବ୍ୟାଙ୍କରୁ ଋଣ ପାଇପାରିବେ ନାହିଁ ? —କୁନ୍‌ମୁନ୍ ମ୍ୟାନେଜର ବାବୁଙ୍କଠାରୁ ତାଙ୍କର ମତାମତ ଜାଣିବାକୁ ଚାହିଁଲା।

"ତମେ ଯାହା ଶୁଣିଛ ତାହା ଠିକ୍ ନୁହେଁ। ସମାଜର ଦୁର୍ବଳ ଶ୍ରେଣୀର ଲୋକମାନେ ଏକ ନିର୍ଦ୍ଦିଷ୍ଟ ପରିମାଣ ପର୍ଯ୍ୟନ୍ତ ଋଣ ନେଲେ ସେମାନଙ୍କୁ କୌଣସି ବନ୍ଧକ କମ୍ବା ଜାମିନ ଦେବାକୁ ପଡ଼େନାହିଁ। ଅବଶ୍ୟ ଯେଉଁମାନେ ଅଧିକ ପରିମାଣର ଋଣ ନଅନ୍ତି, ଆଉ ସେମାନଙ୍କର ଯଦି ବନ୍ଧକ ବା ଜାମିନ ଦେବାର ସାମର୍ଥ୍ୟ ଥାଏ, ତାହାହେଲେ ସେମାନଙ୍କଠାରୁ ବନ୍ଧକ ବା ଜାମିନ ନଆଯାଏ।" —ମ୍ୟାନେଜରବାବୁ ଏହାକହି କୁନ୍‌ମୁନ୍‌ର ସନ୍ଦେହ ଦୂର କଲେ।

ଏହି ସମୟରେ ବ୍ୟାଙ୍କ କାଉଣ୍ଟରରେ ଜଣେ ଗ୍ରାହକ ତାଙ୍କର ଚେକ୍ ଭଙ୍ଗାଇବାରେ ଟିକେ ଡେରି ହେବାରୁ ବଡ଼ପାଟିରେ କାଉଣ୍ଟରରେଥିବା କର୍ମଚାରୀ ସହ ଯୁକ୍ତିତର୍କ କରୁଥିବା ଶୁଣି ମ୍ୟାନେଜରବାବୁ ଉଠିଗଲେ ବ୍ୟାଙ୍କିଙ୍ଗ୍ ହଲ୍‌କୁ।

Digitized by srujanika@gmail.com

୩। କେନ୍ଦ୍ର ବ୍ୟାଙ୍କ

ଅଳ୍ପ ସମୟ ପରେ ମ୍ୟାନେଜରବାବୁ କଥାଟାକୁ ସମାଧାନ କରି ପୁଣି ଫେରିଆସି କହିଲେ—"ଆଉ କ'ଣ କିଛି ସନ୍ଦେହ ରହିଲା ?"

"ସାର୍, ବ୍ୟାଙ୍କ ଇଚ୍ଛାକଲେ କ'ଣ ଜମାକାରୀଙ୍କୁ ଅଧିକ ସୁଧ ଦେଇପାରିବ ଆଉ ଋଣଗ୍ରହୀତାଙ୍କଠାରୁ ଅଧିକ ସୁଧ ମଧ୍ୟ ଆଦାୟ କରିପାରିବ ?"—କୁନ୍‌ମୁନ୍ ମ୍ୟାନେଜରବାବୁଙ୍କୁ ପ୍ରଶ୍ନକଲା ।

"ନା, ବ୍ୟାଙ୍କ ଇଚ୍ଛାକଲେ ସୁଧ କମ୍ ବେଶି କରିପାରିବ ନାହିଁ । କେଉଁ ପ୍ରକାର ଜମାପାଇଁ କେତେ ସୁଧହାର ହେବ ଏବଂ କେଉଁ ପ୍ରକାର ଋଣପାଇଁ କେତେ ସୁଧହାର ହେବ, ତାହା ଦେଶର କେନ୍ଦ୍ରବ୍ୟାଙ୍କ ଠିକ୍ କରନ୍ତି ।"

"ସାର୍, କେନ୍ଦ୍ର ବ୍ୟାଙ୍କ ପୁଣି କ'ଣ ?"—କୁନ୍‌ମୁନ୍ କୌତୂହଳୀ ହୋଇ ଜାଣିବାକୁ ଚାହିଁଲା ।

"ପ୍ରତ୍ୟେକ ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବାକୁ ଗୋଟିଏ ଲେଖାଏଁ କେନ୍ଦ୍ରବ୍ୟାଙ୍କ ଥାଏ । ଏହି କେନ୍ଦ୍ରବ୍ୟାଙ୍କ ହେଉଛି ଦେଶରେ ଥିବା ବଭିନ୍ନ ବ୍ୟାଙ୍କମାନଙ୍କର ବ୍ୟାଙ୍କ ଓ ସରକାରଙ୍କର ବ୍ୟାଙ୍କ । ଦେଶର ଅର୍ଥନୀତିକୁ ସୁପରିଚାଳନା କରିବା ପାଇଁ କେନ୍ଦ୍ରବ୍ୟାଙ୍କ ସରକାରଙ୍କ ପରାମର୍ଶରେ ବଭିନ୍ନ ମୌଦ୍ରିକ ନିୟମାନ ପ୍ରଣୟନ କରି ବ୍ୟାଙ୍କମାନଙ୍କ ଜରିଆରେ କାର୍ଯ୍ୟକାରୀ କରନ୍ତି । ଆମ ଦେଶର କେନ୍ଦ୍ରବ୍ୟାଙ୍କ ହେଲା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ।"—ମ୍ୟାନେଜର-ବାବୁ କୁନ୍‌ମୁନ୍‌କୁ ବୁଝାଇଦେଲେ ।

"ସାର୍, କେନ୍ଦ୍ରବ୍ୟାଙ୍କ ଆଉସବୁ କ କାମ କରେ ?"

"କେନ୍ଦ୍ରବ୍ୟାଙ୍କ ଆହୁରି ବହୁତ କିଛି କାମକରେ । ତୁମେ ଯେଉଁସବୁ ନୋଟ୍ ଓ ମୁଦ୍ରା କାରବାର କରୁଛ, ତାହା ରିଜର୍ଭବ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ହେଉଛି । ରିଜର୍ଭବ୍ୟାଙ୍କ ଏକଟଙ୍କା ପର୍ଯ୍ୟନ୍ତ ସମସ୍ତ ମୁଦ୍ରା ଓ ଏକଟଙ୍କିଆ ନୋଟ ଘରଚ

Digitized by srujanika@gmail.com

ସରକାରଙ୍କ ତରଫରୁ ଆଉ ନିଜ ତରଫରୁ ଦୁଇଟଙ୍କିଆ ନୋଟ୍‌ଠାରୁ ପାଞ୍ଚଶହ ଟଙ୍କିଆ ପର୍ଯ୍ୟନ୍ତ ସମସ୍ତ ପ୍ରକାର ନୋଟ୍ ପ୍ରସ୍ତୁତ କରନ୍ତୁ ।"

"ତାହାଡେଲେ ସାର୍, ମରୁ ବ୍ୟାଙ୍କ ନୋଟ୍ ଛପାଇ ପାରିବେ ନାହିଁ ?"

"ନା—ନୋଟ୍ ଛପାଇବାର ଦାୟିତ୍ୱ କେବଳ ଶିଜର୍ଭ ବ୍ୟାଙ୍କ ଉପରେ ନ୍ୟସ୍ତ ।"

"ମୋର କନ୍ତୁ ଧାରଣା ଥିଲା ମରୁ ବ୍ୟାଙ୍କ ନୋଟ ଛପାଇ ପାରିବେ ବୋଲି । ଆଜି ମୋର ଗୋଟାଏ ବଡ଼ ଭୁଲଧାରଣା ଦୂର ହେଲା ।"

"କେନ୍ଦ୍ର ବ୍ୟାଙ୍କ ଦେଶରେ ପ୍ରିବା ଅନ୍ୟ ସମସ୍ତ ବ୍ୟାଙ୍କକୁ ନିୟନ୍ତ୍ରଣ କରେ । କେଉଁ ବ୍ୟାଙ୍କ କେଉଁଠି ଶାଖା ଖୋଲିବ, ସେଥିପାଇଁ କେନ୍ଦ୍ର ବ୍ୟାଙ୍କ ଲାଇସେନ୍ସ ଦିଏ । କେନ୍ଦ୍ରବ୍ୟାଙ୍କ ବ୍ୟାଙ୍କଗୁଡ଼ିକୁ ନିଶ୍ଚିତ କରି ଟିକ୍ ମାନି ନିୟମ ଅନୁଯାୟୀ କାର୍ଯ୍ୟ ହେଉଛି କି ନାହିଁ ତାହାର ତଦାରଖ ମଧ୍ୟ କରେ । କେନ୍ଦ୍ରବ୍ୟାଙ୍କ ବଡ଼ପ୍ରକାରେ ବ୍ୟାଙ୍କଗୁଡ଼ିକୁ ନିୟନ୍ତ୍ରଣକରେ । ତମେ ବଡ଼ହେଲେ ସେସବୁ କଥା ଜାଣିପାରିବ ।

୪ । ଗ୍ରାମାଞ୍ଚଳର ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଯାମନ୍ତ୍ରିପୁତ୍ରବାବୁ ତାଙ୍କ କାମ ସାରି ଆସି ମ୍ୟାନେଜରବାବୁଙ୍କ ପ୍ରକୋଷ୍ଠରେ ପହଞ୍ଚି କୁନ୍‌ମୁନ୍‌କୁ ପଚାରିଲେ, "କ'ଣ ଜୁ ବ୍ୟାଙ୍କ କାରବାର ବିଷୟରେ ମ୍ୟାନେଜରବାବୁଙ୍କଠାରୁ ସବୁକଥା ବୁଝି ନେଲୁ ତ ?"

କୁନ୍‌ମୁନ୍ କିଛି କହିବା ଆଗରୁ ମ୍ୟାନେଜରବାବୁ କହିଲେ—"ବ୍ୟାଙ୍କ ବିଷୟରେ ଜାଣିବାକୁ କୁନ୍‌ମୁନ୍‌ର ବଡ଼ ଆଗ୍ରହ ଅଛି ଦେଖିଲି । ଏତେ କମ୍ ସମୟ ମଧ୍ୟରେ ବ୍ୟାଙ୍କ ବିଷୟରେ ଗୋଟିଏ ମୋଟାମୋଟି ଧାରଣା ଦେବା ସମ୍ଭବ ନୁହେଁ । ଆଜ ମୋ ହାତରେ ଆଉ ସମୟ ନାହିଁ । ବ୍ଲକରେ ଗୋଟାଏ ମିଟିଂ ଅଛି —ସମୟ ପ୍ରାୟ ହୋଇଗଲଣି । ମୁଁ ବର୍ତ୍ତମାନ ସେଠାକୁ ବାହାରିବି । କାଲି ଗୁରୁବାର—ସଦ୍ଭପାଧାୟଙ୍କ ପାଇଁ ବ୍ୟାଙ୍କ ବନ୍ଦ । କାଲି ସନ୍ଧ କୁନ୍‌ମୁନ୍‌କୁ ଧରି ଆସିବେ, ତେବେ ବ୍ୟାଙ୍କ ବିଷୟରେ ଆଜି କିଛି ଜାଣିବା କଥା ବୁଝାଇଦେବ ।"

Digitized by srujanika@gmail.com

"ବ୍ଲକରେ କ ମିଟିଂ ଅଛି ?" —ସାମନ୍ତରପ୍ପବାବୁ ପ୍ରଶ୍ନ କଲେ ।

"ଏବେ ଦେଶର ଗ୍ରାମାଞ୍ଚଳରେ ରୋଜଗାର ପାଇଁ ନୂଆନ ଯୋଜନା ପ୍ରସ୍ତୁତ କରାଯାଇଛି । ପ୍ରତ୍ୟେକ ବ୍ଲକରେ ଯେତେ ଗାଁ ଅଛି, ସେ ସବୁକୁ ସେହି ବ୍ଲକରେ ଥିବା ବ୍ୟାଙ୍କମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଛି । ଆମର ଏହି ବ୍ଲକର ୨୦ଟି ଗାଁ ଆମ ଶାଖା ଭାଗରେ ପଡ଼ିଛି । ପ୍ରତ୍ୟେକ ଗାଁ ପାଇଁ ଆମେ ବାର୍ଷିକ ଋଣ ଯୋଜନା ପ୍ରସ୍ତୁତ କରୁଛୁ । ଏହିସବୁ ଋଣଯୋଜନା ଆଜି ବ୍ଲକରେ ବସୁଥିବା ବ୍ୟାଙ୍କର୍ସ କମିଟି ମିଟିଂରେ ଆଲୋଚନା ହୋଇ ଗୃହୀତ ହେବ ଓ ଅନୁମୋଦିତ ଯୋଜନା ଅନୁଯାୟୀ ଋଣ ଦିଆଯିବ ।" ମ୍ୟାନେଜରବାବୁ ଭରବରଆ ସ୍ୱରରେ ସାମନ୍ତରପ୍ପବାବୁଙ୍କୁ ବୁଝାଇଦେଲେ ।

"ଆଜି କେଉଁମାନେ ସବୁ ଏ ମିଟିଂକୁ ଆସିବେ ?"

"ଏହି ବ୍ଲକରେ ଥିବା ସମସ୍ତ ବ୍ୟାଙ୍କର ଶାଖା ମ୍ୟାନେଜରମାନେ, ବ୍ଲକ ଡେଭଲପ୍‌ମେଣ୍ଟ ଅଫିସର ଓ ଅନ୍ୟାନ୍ୟ ସଂପ୍ରସାରଣ ଅଫିସରମାନେ ଏହି ମିଟିଂରେ ଆସି ଯୋଗଦେଇ ଆଲୋଚନା କରିବେ ।"—ମ୍ୟାନେଜରବାବୁ କହିଲେ ।

"ଏହାତ ଗୋଟିଏ ବଡ଼ ଭଲକଥା । ଏଥର ଯୋଜନା ଉପରଆଡ଼ୁ ନଦୋଇ ତଳଆଡ଼ୁ ହେଉଛି ।" —ସାମନ୍ତରପ୍ପବାବୁ ତାଙ୍କର ମତାମତ ଦେଲେ ।

"ସାର୍, ମୋର ଗୋଟାଏ ପ୍ରଶ୍ନ ।"—କୁନ୍‌ମୁନ୍ ମୁରୁକଦସି କହିଲା ।

"ତମ ମଥାରେ ସମସ୍ତ ଖୁବ୍ କମ୍—କ'ଣ ପ୍ରଶ୍ନ କରିବ ଶୀଘ୍ର କୁହ"—ମ୍ୟାନେଜରବାବୁ କହିଲେ ।

"ଆପଣ ଯାହା କହିଲେ କାଲି ବ୍ୟାଙ୍କ ସଂପାଧାରଣଙ୍କ ପାଇଁ ଛୁଟି—ଆଜି ଆପଣମାନଙ୍କ ପାଇଁ ଛୁଟି ନୁହେଁ ?"

"ନା—ଆମ ପାଇଁ ଛୁଟି ନୁହେଁ । ଏବେ ନୂଆ ନୀତି କରାଯାଉଛି ଯେ ଦେଶରେ ଥିବା ପ୍ରତ୍ୟେକ ଗ୍ରାମାଞ୍ଚଳ ଶାଖା ସପ୍ତାହରେ ଥରେ ଗ୍ରାହକମାନଙ୍କ ପାଇଁ ବନ୍ଦ ରହିବ ।"

"କାହିଁକି ସାର୍ ?"—ମ୍ୟାନେଜରବାବୁଙ୍କ ପାଟିରୁ କଥା ଶେଷ ନ ହେବା ଆଗରୁ କୁନ୍‌ମୁନ୍ ଜାଣିବାକୁ ଚାହିଁଲା ।

"ଏହିଭଳି ବ୍ୟାଙ୍କର ଅଫିସରମାନେ ଗାଁଗହଳିକୁ ଯାଇ ଲୋକମାନଙ୍କୁ ବ୍ୟାଙ୍କର ହିତକର ଜମା ଓ ଋଣ ଯୋଜନା ବିଷୟ ବୁଝାଇବେ । ଯେଉଁମାନେ ଋଣ

Digitized by srujanika@gmail.com

ନେଉଛନ୍ତି, ସେମାନେ ଯେପରି ଠିକ୍ ସମୟରେ ଋଣ ପରିଶୋଧ କରନ୍ତି, ସେମାନଙ୍କୁ ଭେଟି କହିବେ । ଋଣ ଠିକ୍ ସମୟରେ ବ୍ୟବହାର ହେଉଛି କ ନାହିଁ ତାହା ତଦାରଖ କରିବେ । ଅନ୍ୟ କର୍ମଚାରୀମାନେ ବ୍ୟାଙ୍କର ଖାତାପତ୍ର ସବୁ ଠିକ୍ କରିବେ । ଆମର ଏହି ଶାଖା ପ୍ରତି ଗୁରୁବାରଦିନ ସଂଧ୍ୟାଧାରଣଙ୍କ ପାଇଁ ବନ୍ଦ ରହେ । କାଲି ଯଦି ପାରିବ ଜେଜେବାପାଙ୍କ ସହିତ ଆସ । କାଲି ମୁଁ ବାହାରକୁ ଯିବନାହିଁ; ସଡକାର୍ ମ୍ୟାନେଜର ଯିବେ । କାଲି ନଗ୍ରେଳାରେ ତୁମେ ଯାହା କଛି ବୁଝିବା କଥା ମୋଠାରୁ ବୁଝିବ ।"

"ଦଉ, ଚାଲାଦେଲେ ଆଜ୍ଞା, ଆମେ କାଲି ଆସିବୁ । ଆପଣଙ୍କର ଡେରି ହୋଇଯିବ—ଆପଣ ମିଟିଂକୁ ଯାଆନ୍ତୁ ।"

ସାନନ୍ତରପୁବାବୁ ଆଉ କୁନ୍‌ମୁନ୍ ମ୍ୟାନେଜରବାବୁଙ୍କଠାରୁ ବିଦାୟ ନେଇ ଘରକୁ ଫେରିଆସିଲେ ।

୫ । ସଂଗୃହୀତ ଜମାରୁ ଋଣ ଦଅାଯାଏ

ଗତ ପାହିଲାମାସେ କୁନ୍‌ମୁନ୍ ଜେଜେବାପାଙ୍କୁ ଡେଜେଇ ଦେଇ କହିଲା—"କ'ଣ ଜେଜେ, ଆଜ ଯିବା ନା ?"

ସାନନ୍ତରପୁବାବୁ ଜାଣି ନଜାଣିଲା ପରି ଟିକେ ମଜା କରିବାକୁ କହିଲେ—"କୁଆଡ଼େ ?" ଜେଜେବାପାଙ୍କ ମୁହଁରୁ 'କୁଆଡ଼େ' ଶୁଣି କୁନ୍‌ମୁନ୍‌ର ମନଟା ଯେମିତି ଫିକାପଡିଗଲା । ସେ ମନେ ମନେ ଭାବୁଥାଏ—କ'ଣ ଆଜ ମୋତେ ସାଙ୍ଗରେ ନେବେ ନା ନାହିଁ ? ସେ ନନେଲେ କ'ଣ ମୁଁ ଏକା ଯାଇପାରିବ ନାହିଁ ?

କୁନ୍‌ମୁନ୍ ଟିକେ ଗୁମ୍‌ମାର ବସିଲା ପରେ ଅଭିମାନଭରା ସ୍ୱରରେ କହିଲା—"କୁଆଡ଼େ ଯିବା କ'ଣ ଜାଣିନ ? ଆଜ ପଣ୍ଡା ବ୍ୟାଙ୍କକୁ ଯିବା ପାଇଁ ମ୍ୟାନେଜର-ବାବୁ କହିଥିଲେ ?"

Digitized by srujanika@gmail.com

ଜେଜେ ପଚାରିଥାନ୍ତେ କହିଲେ—"ତୋର ଯଦି ବ୍ୟାଙ୍କ ବିଷୟରେ ଜାଣିବାକୁ ଏତେ ଇଚ୍ଛା ତୁ ଏକାକୀ ଯା—ମୋତେ କାହିଁକି ସାଙ୍ଗ କରୁଛୁ ?"

"ଉଉ ତମେ ନଯାଅ—ମୁଁ ଏକଲା କ'ଣ ଯାଇପାରିବି ନାହିଁ ?" —ଏହା କହି କୁନ୍‌ମୁନ୍ ମୁହଁ ଫୁଲାଇ ଗୁଲିଯାଉଥିବା ବେଳେ ଜେଜେବାପା ପଛରୁ ହସିହସି କହିଲେ—"ଆ, ଆଉ ମୁହଁ ଫୁଲାନା । ମୋର ମନେଅଛି । ଆଜ ଠିକ୍ ସାତଟା ନ'ଟା ବେଳକୁ ବାହାରିପଡିବା ।"

ଜେଜେବାପାଙ୍କ ଭୁଣ୍ଡରୁ ଏକଥା ଶୁଣି କୁନ୍‌ମୁନ୍‌ର ମୁହଁରେ ହସ ଉକୁଟିଲା ।

ଆଜା ନାତୁଣୀ ଦୁହେଁ ଠିକ୍ ସାତେ ନ'ଟା ବେଳକୁ ବ୍ୟାଙ୍କକୁ ବାହାରି-ପଡିଲେ । ଦଶଟା ସୁଦ୍ଧା ବ୍ୟାଙ୍କରେ ଗହଳି ମ୍ୟାନେଜରବାବୁଙ୍କ ପ୍ରକୋଷ୍ଠକୁ ଯାଇ ଟାକୁ ନମସ୍କାର କରୁକରୁ ମ୍ୟାନେଜରବାବୁ କହିଲେ—"କ'ଣ ଆସିଗଲେ ?"

"ହଁ, ଆଜ ଆସିବ ବୋଲି ମୋ ନାତୁଣୀ ଆଖିରେ କାଲି ଘୁଡଘାସ୍ତ ବନ୍ଦ ନାହିଁ ।" —ହାସନ୍ତାସ୍ତାବାବୁ ହସି କହିଲେ ।

"ଉଉ ବସନ୍ତୁ !"

"ନା ଆଜ୍ଞା, ସେ ଆପଣଙ୍କଠାରୁ ଯାଉ। ତା ମନ ବୁଝୁଥାଉ—ମୋର ଟିକେ ଚଉସିଲ ଅଫିସରେ କାମ ଅଛି । ମୁଁ ସେଠି କାମ ସାରି ଆସୁଛି ।"

"ତାହାଉଡେଲେ ଭଲ ହେଲା—ଠାକୁର ଦେଖା ହେବ କଦଳୀ ବକା ହେବ"—ମ୍ୟାନେଜରବାବୁ ହସି ହସି କହିଲେ ।

"ଉଉ ତାହାଉଡେଲେ ମୁଁ ଆସୁଛି"—କହି ହାସନ୍ତାସ୍ତାବାବୁ ଗୁଲିଗଲେ ।

ମ୍ୟାନେଜରବାବୁ କୁନ୍‌ମୁନ୍‌କୁ ବସିବାକୁ ଚଉକିଟି ଦେଖାଇ କହିଲେ—ଯାହା କହିଥିଲ ସବୁ ବୁଝିଲ ନା କିଛି ସନ୍ଦେହ ରହିଲ ?"

"ସାର୍, ଆପଣ ତ କଟୁଛନ୍ତି ବ୍ୟାଙ୍କମାନେ ଜମା ସଂଗ୍ରହ କରି ସେହି ଜମାକୁ ଋଣ ଆକାରରେ ବଣ୍ଟନ କରନ୍ତି—ତେବେ ଯାହା ଜମା ସଂଗ୍ରହ କରାଯାଏ ସବୁତକ ଜମାକୁ ଋଣ ଆକାରରେ ବଣ୍ଟନ କରନ୍ତି ନା କିଛି ଜମା ନିଜ ପାଖରେ ଗଚ୍ଛିତ କରି ରଖନ୍ତି ?" —କୁନ୍‌ମୁନ୍ ପ୍ରଶ୍ନକଲା ।

"ଆରେ, ତମେ ତ ଗୋଟିଏ ଭଲ ପ୍ରଶ୍ନ ପଚାରିଲ ! ମୁଁ କାଲି ତମକୁ ସେକଥା କହିବାକୁ ଭୁଲିଯାଇଥିଲି । ବ୍ୟାଙ୍କ ଯେତେ ଜମା ସଂଗ୍ରହ କରେ, ସେ

Digitized by srujanika@gmail.com

ସବୁକୁ ଋଣ ଆକାରରେ ଲଗାଣ କରିପାରିବ ନାହିଁ । ସେଥିପାଇଁ ମଧ୍ୟ ରଜର୍ଭବ୍ୟାଙ୍କ ତରଫରୁ ମାଷ୍ଟରପ୍ଲାନ ବନ୍ଧାଦେଇଛୁ । ବର୍ତ୍ତମାନର ନିୟମାନୁସାରେ ଗୋଟିଏ ବ୍ୟାଙ୍କ ଯେତେ ଜମା ସଂଗ୍ରହ କରିବ ତାହାର ଶତକଡ଼ା ୧୫ ଭାଗ ନଗଦ ଟଙ୍କା ଆକାରରେ ରଜର୍ଭ ବ୍ୟାଙ୍କରେ ଜମାକରେ । ଏହାକୁ 'ନଗଦ ସଞ୍ଚିତ ଅନୁପାତ' ବୋଲ କୁହାଯାଏ । ପୁଣି ୩୮.୫ ଭାଗ ଜମା ସରକାର ଓ ସରକାରଙ୍କ ସ୍ୱୀକୃତପ୍ରାପ୍ତ ପ୍ରତିଭୂତିରେ ବିନିଯୋଗ କରିବା ବ୍ୟାଙ୍କର ଏକ ବୈଧାନିକ ଆବଶ୍ୟକତା । ଏହାକୁ 'ବୈଧାନିକ ନଗଦ ଅନୁପାତ' ବୋଲ କୁହାଯାଏ । ବ୍ୟାଙ୍କ କହିଲେ କେବଳ ଗୋଟିଏ ଶାଖାକୁ ବୁଝାଯାଏନାହିଁ । ଏଇ ଦେଶ ଆମ ବ୍ୟାଙ୍କର ସମଗ୍ର ଦେଶରେ ପ୍ରାୟ ୧୪୦୦ ଚାଖାଚାଖି ଶାଖା ଅଛୁ । ଏହି ଶାଖା ଅଫିସଗୁଡ଼ିକୁ ବିଭିନ୍ନ ସ୍ତରରେ ନିୟନ୍ତ୍ରଣ କରାଯାଏ । ମୁଖ୍ୟନିୟନ୍ତ୍ରଣକାରୀ ଅଫିସ ହେଲ ମୁଖ୍ୟ କାର୍ଯ୍ୟାଳୟ । ଗୋଟିଏ ବ୍ୟାଙ୍କ କେତେ ଜମା ସଂଗ୍ରହ କରେ ଓ କେତେ ଋଣଦିଏ, ମୁଖ୍ୟକାର୍ଯ୍ୟାଳୟ ଛାଡ଼ା ପ୍ରତି ସପ୍ତାହରେ ୧ରେ ଶାଖାମାନଙ୍କରୁ ତଥ୍ୟ ସଂଗ୍ରହ କରି ହିସାବ ବାହାରକରେ । ସେହି ଅନୁଯାୟୀ ମୁଖ୍ୟକାର୍ଯ୍ୟାଳୟ ମୋଟ ଜମାରୁ ଶତକଡ଼ା ୧୫ ଭାଗ ନଗଦ ଟଙ୍କା ରଜର୍ଭ ବ୍ୟାଙ୍କରେ ଜମାକରେ, ଆଉ ଶତକଡ଼ା ୩୮.୫ ଭାଗ ପ୍ରତିଭୂତିରେ ବିନିଯୋଗକରେ । ଏହିପରି ମୋଟ ଜମାରୁ ୫୩.୫ ଭାଗ ଗଲେ ଆଉ ରହିଲା ମାତ୍ର ୪୬.୫ ଭାଗ । ଏହି ଜମାକୁ ବ୍ୟାଙ୍କ ଋଣ ଆକାରରେ ବିନିଯୋଗ କରେ । ଜମା ବ୍ୟତୀତ ବ୍ୟାଙ୍କମାନେ ଜାତୀୟ କୃଷି ଓ ଗ୍ରାମ୍ୟ ବିକାଶ ବ୍ୟାଙ୍କ, ରାଜ୍ୟସ୍ତରୀୟ ଔଦ୍ୟୋଗିକ ବିକାଶ ବ୍ୟାଙ୍କ, ରାଜ୍ୟୀୟ-ଆମଦାନୀ ବ୍ୟାଙ୍କମାନଙ୍କଠାରୁ କିଛି ପରିମାଣର ପୁନର୍ବିତ୍ତ ଆଣି ବିଭିନ୍ନ ସ୍ୱତନ୍ତ୍ର ପରିଯୋଜନା ମାଧ୍ୟମରେ ଋଣ ଲଗାନ୍ତି । ଏଭଳି ପୁନର୍ବିତ୍ତ ଖୁବ୍ ସୀମିତ ।"

"ବୈଧାନିକ ନଗଦ ଅନୁପାତ ଓ ନଗଦ ସଞ୍ଚିତ ଅନୁପାତରେ ଯେଉଁ ଜମା ବିନିଯୋଗ କରାଯାଏ, ସେଥିରୁ ବ୍ୟାଙ୍କ କିଛି ସୁଧ ପାଏ ନା ନାହିଁ ?"—କୁନ୍‌ମୁନ୍ ଜାଣିବାକୁ ଚାହିଁଲା ।

"ହଁ ସୁଧ ମିଳେ, କିନ୍ତୁ ଏହା ସୁଧ ତୁଳନାତ୍ମକଭାବେ କମ୍ । ବ୍ୟାବସାୟିକ ଭିତ୍ତିରେ ଏହା ଜମାକୁ ଲଗାଣକଲେ ଅଧିକ ସୁଧ ମିଳନ୍ତା ।"—ମ୍ୟାନେଜରବାବୁ ଉତ୍ତର ଦେଲେ ।

"ସାର୍, ଏହାରୁ ବ୍ୟବସ୍ଥା କାହିଁକି କରାଯାଇଛୁ ? ବ୍ୟାଙ୍କମାନେ ନିଜନିଜର

Digitized by srujanika@gmail.com

ସଂଗୃହୀତ ଜମାକୁ ନିଜର ଇଚ୍ଛା ଅନୁସାରେ କାହିଁକି ଲଗାଣ କରିବେ ନାହିଁ ?" —କୁନ୍‌ମୁନ୍ ପ୍ରଶ୍ନକଲା ।

"ଆମ ଦେଶ ଏକ ଜନମଙ୍ଗଳ ରାଷ୍ଟ୍ର । ଦେଶର ସମସ୍ତ ଲୋକେ ଯେପରି ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିପାରିବେ ସେଥିପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ବୈଧାନିକ ନଗଦ ଅନୁଗ୍ରାହ ମାଧ୍ୟମରେ ସରକାର ଯେଉଁ ଅର୍ଥ ସଂଗ୍ରହ କରନ୍ତି, ତାକୁ ବିଭିନ୍ନ ଜନହିତକର କାର୍ଯ୍ୟରେ ନିୟୋଗ କରନ୍ତି । ନଗଦ ସଞ୍ଚିତ ଅନୁଗ୍ରାହ ମାଧ୍ୟମରେ ରିଜର୍ଭ ବ୍ୟାଙ୍କ ଅର୍ଥ ସଂଗ୍ରହ କରି ମୁଦ୍ରାସ୍ଫୀତି ରୋକୁଛନ୍ତି । ଯଦି ବୈଧାନିକ ନଗଦ ଅନୁଗ୍ରାହ ଓ ନଗଦ ସଞ୍ଚିତ ଅନୁଗ୍ରାହ ମାଧ୍ୟମରେ ବ୍ୟାଙ୍କରୁ ଅର୍ଥ ସଂଗ୍ରହ କରିନପାରିନ୍ତା, ତାହାହେଲେ ବ୍ୟାଙ୍କମାନେ ଅଧିକ ଋଣ ଦିଅନ୍ତେ । ଏହାଦ୍ୱାରା ମୁଦ୍ରାସ୍ଫୀତି ବୃଦ୍ଧିପାଇ ଆମ ଅର୍ଥନୈତିକ ବ୍ୟବସ୍ଥାକୁ ଦୁର୍ବଳ କରିଦିଅନ୍ତା ।" —ମ୍ୟାନେଜରବାବୁ କହିଲେ ।

"ହଁ, ଆଜି ଗୋଟାଏ କଥା । ବୈଧାନିକ ଦେୟ ଦେବା ପରେ ଅବଶିଷ୍ଟ ଯେଉଁ ଜମା ରହିଲା ତାକୁ ବ୍ୟାଙ୍କମାନେ ନିଜଇଚ୍ଛା ମଧ୍ୟ ଋଣଲଗାଣ କରିପାରିବେ ନାହିଁ ।"—ମ୍ୟାନେଜରବାବୁ ପୁଣି କହିଲେ ।

"ସେଥିପାଇଁ ପୁଣି କ'ଣ ମାର୍ଜିନ୍‌ୟମ ବଢାଯାଇଛି ନା କ'ଣ ?" କୁନ୍‌ମୁନ୍ ପ୍ରଶ୍ନ କଲା ।

"ଗୋଟିଏ ବ୍ୟାଙ୍କ ଯେତେ ଋଣ ଲଗାଣ କରିବ, ତା'ର ଶତକଡ଼ା ୪୦ଭାଗ ଅଗ୍ରାଧିକାର କ୍ଷେତ୍ରରେ ନିୟୋଗ କରିବାକୁ ରିଜର୍ଭବ୍ୟାଙ୍କର ନର୍ଦ୍ଦେଶ ଅଛି ।"

"ସାର୍, ଅଗ୍ରାଧିକାର କହିଲେ କ'ଣ ?"—କୁନ୍‌ମୁନ୍ ଆଗ୍ରହର ସହିତ ପଚାରିଲା ।

ମ୍ୟାନେଜରବାବୁ ତାକୁ ବୁଝାଇବାକୁ ଯାଇ କହିଲେ—"ଦେଶର ସବୁ ଶ୍ରେଣୀର ଲୋକଙ୍କର ଅର୍ଥନୈତିକ ପ୍ରଗତି ସାଧିତ ହେବାକୁ ହେଲେ ଦେଶର ବଡ଼ ବଡ଼ ଶିଳ୍ପ ଓ ବ୍ୟବସାୟ ସାଙ୍ଗକୁ କୃଷି, କ୍ଷୁଦ୍ରଶିଳ୍ପ, କ୍ଷୁଦ୍ର ବ୍ୟବସାୟ ଆଦିର ବିକାଶ ହେବା ଆବଶ୍ୟକ । ଏସବୁ ଗ୍ରୋଥ ଗ୍ରୋଥ କ୍ଷେତ୍ରରେ ବିକାଶ ପାଇଁ ପୂର୍ବରୁ ଋଣ ଆବଶ୍ୟକ ପରିମାଣରେ ଦିଆଯାଉନଥିଲା । ଏବେ ଏସବୁ କ୍ଷେତ୍ରର ବିକାଶ ପାଇଁ ଅଗ୍ରାଧିକାର ଭିତ୍ତିରେ ଋଣ ଦିଆଯାଉଛି । ଅଗ୍ରାଧିକାର କ୍ଷେତ୍ର କହିଲେ

Digitized by srujanika@gmail.com

ବର୍ତ୍ତମାନ ବୁଝାଯାଉଛୁ—କୃଷି, କ୍ଷୁଦ୍ରଶିଳ୍ପ, କ୍ଷୁଦ୍ର ବ୍ୟବସାୟ, ପରିବହନ, ଆତ୍ମନିଯୁକ୍ତ ଓ ଶିକ୍ଷା ।"

"ତାଡାତେଲେ ସାର୍ ସମାଜର ଦୁର୍ବଳଶ୍ରେଣୀର ଲୋକଙ୍କର ଅର୍ଥନୈତିକ ବିକାଶ ପାଇଁ ଭଲ ବ୍ୟବସ୍ଥାଟିଏ କରିପାଇଅଛୁ ।"—କୁନ୍‌ମୁନ୍ ଟା'ର ମତାମତ ଦେଲା ।

"ହଁ, ଏହି ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଋଣଦେଲେ ସୁଧ ମଧ୍ୟ ତୁଳନାତ୍ମକଭାବେ କମ୍ ନଆଯାଏ ।" —ମ୍ୟାନେଜର କହିଲେ ।

ଏହି ସମୟରେ ଜଣେ କ୍ଲର୍କ ଆସି ଚାଙ୍କର ଏକ ଚିଠା ମିଳିଥିବା କଥା କହିଲାରୁ ମ୍ୟାନେଜରବାବୁ କୁନ୍‌ମୁନ୍‌କୁ ଟିକେ ବାହାରେ ବୁଲ ଆସିବାକୁ କହି ନିଜେ ଚିନଟି କରିବାକୁ ବ୍ୟାଙ୍କିଙ୍ ଡଲ୍‌କୁ ଘୁଲଗଲେ ।

୫ । ଜାତୀୟକରଣ ବ୍ୟାଙ୍କ କ'ଣ ?

କୁନ୍‌ମୁନ୍ ବାହାରକୁ ଆସି ଦଶ-ପନ୍ଦର ମିନଟ୍ ବୁଲବୁଲ କରି ଭିତରକୁଯାଇ ଦେଖିଲାବେଳକୁ ମ୍ୟାନେଜରବାବୁ ପୁଣି ଚାଙ୍କ ପ୍ରକୋଷ୍ଠରେ ଯାଇ ବସିସାରିଲେଣି । କୁନ୍‌ମୁନ୍ ପ୍ରକୋଷ୍ଠକୁ ଯାଇ ପଚାରିଲା—"ଚିଠା ମିଳିଗଲା ସାର୍ ?"

"ହଁ, ମିଳିଲା । ଚୋରିଟି ସଂଖ୍ୟା ପ୍ରକୃତରେ ୧୨ ଡେବା କଥା ମାତ୍ର ଭୁଲଟିଯାଇ ୨୧ ଦୋଇଯାଇଥିଲା । ସମସ୍ତସମୟରେ ଇମିଡ ଭୁଲ ଦୋଇଥାଏ ।" ମ୍ୟାନେଜରବାବୁ ହସି କହିଲେ ।

"ତମର ଆଉ କ'ଣ ପଚାରିବାର ଅଛୁ—ପଚାର ।"

"ଏବେ ମୁଁ ବାହାରେ ବୁଲୁଥିଲାବେଳେ ଆପଣଙ୍କ ବ୍ୟାଙ୍କର ସାଇନ୍‌ବୋର୍ଡକୁ ଭଲଭାବରେ ଲକ୍ଷ୍ୟ କରି ଦେଖିଲି ଯେ ସେଥିରେ ଲେଖାଅଛୁ — ଏକ ଜାତୀୟକରଣ ବ୍ୟାଙ୍କ । ଜାତୀୟକରଣ ବ୍ୟାଙ୍କ୍ କହିଲେ କ'ଣ ?"

"ଭଲ ପ୍ରଶ୍ନଟିଏ ପଚାରିଲ—କହୁଛୁ ଶୁଣ । ପ୍ରଥମେ ବ୍ୟାଙ୍କଗୁଡ଼ିକ ସମ୍ପର୍କେ

Digitized by srujanika@gmail.com

ଲୋକମାନଙ୍କର ଉଦ୍ୟମରେ ଗଠିତ ହୋଇ କାର୍ଯ୍ୟ କରୁଥିଲେ । ସ୍ୱଳ୍ପ ଉଦ୍ୟୋଗରେ ବ୍ୟାଙ୍କମାନେ ଗଠିତ ହୋଇ କାର୍ଯ୍ୟକରୁଥିବା ଯୋଗୁଁ ସେମାନେ ସବୁଦା କେବଳ ବଡ଼ବଡ଼ ସହରରେ ଶାଖା ଖୋଲି ଅଧିକ ଲାଭ କରିବା ପାଇଁ ଚେଷ୍ଟା କରୁଥିଲେ । ଗାଁଗହଳରେ ଶାଖା ଖୋଲିବାକୁ ଆଗ୍ରହ ଦେଉନଥିଲେ । ଗାଁ ଗହଳରେ ଶାଖା ଖୋଲିଲେ ବିଶେଷ ଜମା ମିଳୁନଥିଲା । କିନ୍ତୁ ଆମ ଦେଶର ଗ୍ରାମାଞ୍ଚଳର ବିକାଶ ନହେଲେ ଦେଶର ଉନ୍ନତି ହେବନାହିଁ ବୋଲି ଅନୁଭବ କରିଲା । ଗାଁଗହଳରେ ବ୍ୟାଙ୍କ ଶାଖା ଖୋଲିବା ପାଇଁ ପ୍ରଥମେ ୧୯୫୫ ମସିହାରେ ଇମ୍ପିରିଆଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ସରକାର ହାତକୁ ନେଇ ଏହାର ନାମ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ରଖିଲେ ।

ତାହାହେଲେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ବି ଏକ ଜାତୀୟକରଣ ବ୍ୟାଙ୍କ ?" —କୁନ୍‌ମୁନ୍ ଜାଣିବାକୁ ଚାହିଁଲା ।

"ନା, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଏକ ଜାତୀୟକରଣ ବ୍ୟାଙ୍କ ବୋଲି କୁହାଯାଉନାହିଁ—ଏହା ଏକ ସରକାରୀ କ୍ଷେତ୍ରବ୍ୟାଙ୍କ । ଏହାର ମୂଳଧନର ଶତକଡ଼ା ୯୦ ଭାଗରୁ ଅଧିକ ସହାୟତା ଶରଧି ବ୍ୟାଙ୍କଦ୍ୱାରା ପ୍ରଦତ୍ତ ହୋଇଛି—କିଛି ଅଂଶ ଏବେ ବି ଘରୋଇ ଅଂଶୀଦାରଙ୍କର ଅଛି । ପୂର୍ବରୁ ଦେଶୀୟ ରାଜ୍ୟମାନଙ୍କରେ ଥିବା ବ୍ୟାଙ୍କଗୁଡ଼ିକୁ ମଧ୍ୟ ସରକାର ହାତକୁ ନେଇ ଷ୍ଟେଟ ବ୍ୟାଙ୍କର ସହଯୋଗୀ ବ୍ୟାଙ୍କରୂପେ ରଖିଛନ୍ତି । ସେଗୁଡ଼ିକର ସଂଖ୍ୟା ହେଲା ସାତ ।"

—"ସାର୍, ସେଇ ସାତଟି ବ୍ୟାଙ୍କର ନାଁ ଗୁଡ଼ିକ କ'ଣ ?"

—"ସେଇ ସାତଟି ସହଯୋଗୀ ବ୍ୟାଙ୍କ ହେଲେ :

ଷ୍ଟେଟ ବ୍ୟାଙ୍କ ଅଫ୍ ବିକାନିର ଆଣ୍ଡ ଜୟପୁର

ଷ୍ଟେଟ ବ୍ୟାଙ୍କ ଅଫ୍ ହାଇଦ୍ରାବାଦ

ଷ୍ଟେଟ ବ୍ୟାଙ୍କ ଅଫ୍ ଇନ୍ଦୋର

ଷ୍ଟେଟ ବ୍ୟାଙ୍କ ଅଫ୍ ମଧ୍ୟଭାରତ

ଷ୍ଟେଟ ବ୍ୟାଙ୍କ ଅଫ୍ ପାଟିଆଲା

ଷ୍ଟେଟ ବ୍ୟାଙ୍କ ଅଫ୍ ସୌରାଷ୍ଟ୍ର

ଷ୍ଟେଟ ବ୍ୟାଙ୍କ ଅଫ୍ ଟ୍ରାଭାଙ୍କୋର ।"

Digitized by srujanika@gmail.com

—"ଏଗୁଡ଼ିକ କ'ଣ ସରକାରୀ କ୍ଷେତ୍ର ବ୍ୟାଙ୍କ ?"

—"ହଁ, ଏଗୁଡ଼ିକୁ ମଧ୍ୟ ସରକାରୀ କ୍ଷେତ୍ର ବ୍ୟାଙ୍କ ବୋଲି କୁହାଯାଏ ।"

—"ତାହାଡ଼େଲେ ଜାତୀୟକରଣ ବ୍ୟାଙ୍କ କେଉଁମାନେ ?"

୧୯୬୯ ମସିହା ଜୁଲାଇ ୧୯ ତାରିଖ ଦିନ ପ୍ରଥମ ଦଫାରେ ୧୪ଟି ବଡ଼ ବଡ଼ ଘରୋଇ ବ୍ୟାଙ୍କ ଏବଂ ୧୯୮୦ ମସିହା ଏପ୍ରିଲ ୧୫ ତାରିଖ ଦିନ ଆଉ ଛ'ଟି ଘରୋଇ ବ୍ୟାଙ୍କକୁ ସରକାର ସମ୍ପୂର୍ଣ୍ଣରୂପେ ହାତକୁ ନେଇ ଜାତୀୟକରଣ କଲେ । ଏହି ୨୦ଟି ବ୍ୟାଙ୍କର ମୂଳଧନ ସମ୍ପୂର୍ଣ୍ଣରୂପେ ସ୍ୱରୂପ ସରକାରଙ୍କଦ୍ୱାରା ପ୍ରଦତ୍ତ ହୋଇଛି ।"

—"ସାର୍, ସେହି ୨୦ ଟି ଜାତୀୟକରଣ ବ୍ୟାଙ୍କର ନାମ କ'ଣ ?"

—ସେହି ୨୦ ଟି ଜାତୀୟକରଣ ବ୍ୟାଙ୍କ ହେଲେ :

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
ବ୍ୟାଙ୍କ ଅଫ୍ ଇଣ୍ଡିଆ
ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ
ବ୍ୟାଙ୍କ ଅଫ୍ ବରୋଦା
ସ୍ୟୁନାଇଟେଡ୍ କମର୍ସିଆଲ୍ ବ୍ୟାଙ୍କ
କାନରା ବ୍ୟାଙ୍କ
ସ୍ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
ଦେନା ବ୍ୟାଙ୍କ
ଇଣ୍ଡିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଲ୍ଲାବାଦ ବ୍ୟାଙ୍କ
ସିଣ୍ଡିକେଟ୍ ବ୍ୟାଙ୍କ
ଇଣ୍ଡିଆନ୍ ବ୍ୟାଙ୍କ
ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

Digitized by srujanika@gmail.com

ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ
ଆର୍.ବ୍ୟାଙ୍କ
ନଉ ବ୍ୟାଙ୍କ ଅଫ୍ ଇଣ୍ଡିଆ
ବଜଯ୍ବା ବ୍ୟାଙ୍କ
ଓରଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ
କର୍ପୋରେସନ୍ ବ୍ୟାଙ୍କ ।
ଏଗୁଡ଼ିକୁ ବାଣିଜ୍ୟିକ ବ୍ୟାଙ୍କ ମଧ୍ୟ କୁହାଯାଏ ।"

୭ । ଗ୍ରାମାଞ୍ଚଳ ବିକାଶ ପାଇଁ ବ୍ୟାଙ୍କ

"ସାର୍, ମୋର ଜଣେ ମାମୁ ଗ୍ରାମ୍ୟବ୍ୟାଙ୍କରେ ଚାକିରୀ କରୁଛନ୍ତି । ଏଇ ଗ୍ରାମ୍ୟବ୍ୟାଙ୍କ ପ୍ରଣି କ'ଣ ?"—କୁନ୍ମୁନ୍ ଜାଣିବାକୁ ଚାହିଁଲା ।

"ଆରେ ହଁ, ମୁଁ ଗ୍ରାମ୍ୟବ୍ୟାଙ୍କ କଥା ତମକୁ କହିବାକୁ ଭୁଲିଯାଇଛି । ଗ୍ରାମ୍ୟବ୍ୟାଙ୍କ ଏକ ନୂଆପ୍ରକାରର ବ୍ୟାଙ୍କ । ଆମ ଦେଶ ତ ଏକ ଗ୍ରାମବହୁଳ ଦେଶ । ଗାଁଗହଳ ଲୋକମାନଙ୍କର ଉନ୍ନତି ପାଇଁ ପ୍ରଚୁର ଅର୍ଥର ଆବଶ୍ୟକତା ଅଛି । ଦେଖାଗଲା ଯେ ଗାଁଗହଳର ଗ୍ରୋଟ ଗ୍ରୋଟ କୃଷକ, ଗ୍ରାମ୍ୟ କାରିଗର ଓ କୃଷିଶ୍ରମିକମାନଙ୍କର ଆର୍ଥିକ ଅବସ୍ଥାର ପରିବର୍ତ୍ତନ କରିବାପାଇଁ ଯାହା ଅର୍ଥ ଆବଶ୍ୟକ, ତାହା ଜାତୀୟକରଣ ବ୍ୟାଙ୍କମାନେ ଯୋଗାଇପାରିବେନାହିଁ । ତେଣୁ ୧୯୭୫ ମସିହା ଅକ୍ଟୋବର ମାସ ୨ ତାରିଖ ଗାନ୍ଧୀଜୟନ୍ତୀ ଦିନଠାରୁ ଦେଶରେ ଏହିବା ଅନଗ୍ରସର ଜିଲ୍ଲାମାନଙ୍କରେ ସରକାର ଓ ଜାତୀୟକରଣ ବ୍ୟାଙ୍କମାନଙ୍କର ପ୍ରଯୋଜନାରେ ସଂପୃକ୍ତ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ସଂଯୁକ୍ତଭାରେ ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କମାନ ଖୋଲିଦେଲେ । ଏହି ବ୍ୟାଙ୍କମାନେ କେବଳ ଗାଁ ଗହଳରେ ଗ୍ରୋଟ ଗ୍ରୋଟ କୃଷକ, କୃଷି ଶ୍ରମିକ, ଗ୍ରାମ୍ୟ କାରିଗର ଓ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଋଣ ଯୋଗାଇ ଦେଉଛନ୍ତି । ସମଗ୍ର ଦେଶରେ ବର୍ତ୍ତମାନ ୧୯୭୫

Digitized by srujanika@gmail.com

ଗ୍ରାମ୍ୟବ୍ୟାଙ୍କ କାର୍ଯ୍ୟ କରୁଛୁ, ଆଜି ଆମ ଗ୍ରଜ୍ୟରେ ଗ୍ରାମ୍ୟବ୍ୟାଙ୍କ ସଂଖ୍ୟା ଡେଲ୍ ୯୫ ।"

—"ସାର୍, ପୁଣି ସମବାୟ ବ୍ୟାଙ୍କ ମଧ୍ୟ ଋଣ ଦେଉଛୁ । ଏହା ଅନ୍ୟାନ୍ୟ ବ୍ୟାଙ୍କଠାରୁ ଭିନ୍ନ କିପରି ?"

—"ହଁ, ପ୍ରତି ଗ୍ରଜ୍ୟରେ ଗ୍ରଜ୍ୟସ୍ତରରେ ଗ୍ରଜ୍ୟସ୍ତରୀୟ ସମବାୟ ବ୍ୟାଙ୍କ ଅଛୁ । ଜିଲ୍ଲାସ୍ତରରେ କେନ୍ଦ୍ର ସମବାୟ ବ୍ୟାଙ୍କ ସବୁ ଅଛୁ । ପ୍ରତି ପଞ୍ଚାୟତ ସ୍ତରରେ ପ୍ରାଥମିକ କୃଷି ସମବାୟ ସମିତିସବୁ ଗଠନ କରାଯାଇଛୁ । ପ୍ରତି ଜିଲ୍ଲାର କେନ୍ଦ୍ର ସମବାୟ ବ୍ୟାଙ୍କମାନେ ଗ୍ରଜ୍ୟ ସମବାୟ ବ୍ୟାଙ୍କରୁ ଟଙ୍କା ନେଇ ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଗାଁଗଡ଼ଳର ଲୋକମାନଙ୍କୁ ଋଣ ଯୋଗାଇ ଦଅନ୍ତି । ଏହା ଛଡ଼ା ସମବାୟ ଭୂ-ଉନ୍ନୟନ ବ୍ୟାଙ୍କମାନେ ମଧ୍ୟ ଗାଁଗଡ଼ଳର କୃଷକମାନଙ୍କୁ କୃଷି ଓ କୃଷି ଆନୁଷଙ୍ଗିକ ବୃତ୍ତିର ବକାଶ ପାଇଁ ମିଆଦୀ ଋଣ ଯୋଗାଇଦଅନ୍ତି ।"

"ସାର୍, ତାହାହେଲେ ଗାଁଗଡ଼ଳର ଲୋକମାନଙ୍କୁ ଋଣ ଯୋଗାଇ ଦେବାକୁ ଏତେ ପ୍ରକାର ବ୍ୟାଙ୍କ ଅଛୁ ?"—କୁନ୍‌ମୁନ୍ ଆଶ୍ଚର୍ଯ୍ୟ ହୋଇ କହିଲା ।

୮ । ବକାଶ ବ୍ୟାଙ୍କ

"ସାର୍, ଆମ ଦେଶରେ ଆଉ ସବୁ କ ପ୍ରକାର ବ୍ୟାଙ୍କ ଅଛୁ ?" —କୁନ୍‌ମୁନ୍ ପ୍ରଶ୍ନ କଲା ।

—"ଆମ ଦେଶରେ ଜାତୀୟ ସ୍ତରରେ ଆଉ କେତେକ ବ୍ୟାଙ୍କ ଅଛନ୍ତି ଯେଉଁମାନଙ୍କୁ ବକାଶ ବ୍ୟାଙ୍କ ବୋଲ କୁହାଯାଉଛୁ । ଏହି ବ୍ୟାଙ୍କମାନେ ସଦ୍ଦସାଧାରଣଙ୍କଠାରୁ ଜମା ସଂଗ୍ରହ କରନ୍ତି ନାହିଁ । କେତେକ ସ୍ୱତନ୍ତ୍ର ଶ୍ରେଣୀର ଋଣଗ୍ରହୀତାଙ୍କୁ ବାଦ୍‌ଦେଲେ ସଦ୍ଦସାଧାରଣଙ୍କୁ ସିଧାସଳଖ ଋଣ ଦଅନ୍ତି ନାହିଁ । ପ୍ରତ୍ୟେକ ବ୍ୟାଙ୍କ ଏକ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ନେଇ ଗଠିତ ହୋଇଛନ୍ତି । ଏଗୁଡ଼ିକ ସବୁ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣାଧୀନ ।"—ମ୍ୟାନେଜରବାବୁ କହିଲେ ।

Digitized by srujanika@gmail.com

"ସାର୍, ସେ ବ୍ୟାଙ୍କ ଗୁଡ଼ିକର ନାମ ସବୁ କ'ଣ ?" କୁନ୍‌ମୁନ୍ ଅନୁସନ୍ଧିତ୍ସୁ ହୋଇ ପ୍ରଶ୍ନକଲା ।

—"ବ୍ୟାଙ୍କଗୁଡ଼ିକ ମଧ୍ୟରୁ କେତୋଟି ମୁଖ୍ୟ ବ୍ୟାଙ୍କ ହେଲେ— ଜାତୀୟ କୃଷି ଓ ଗ୍ରାମ୍ୟ ବ୍ୟାଙ୍କ୍, ଭାରତୀୟ ଔଦ୍ୟୋଗିକ ବ୍ୟାଙ୍କ, ଭାରତୀୟ ଲଘୁ ଉଦ୍ୟୋଗ ବ୍ୟାଙ୍କ ଏବଂ ଭାରତୀୟ ରପ୍ତାନି-ଆମଦାନି ବ୍ୟାଙ୍କ ।"

"ଜାତୀୟ କୃଷି ଓ ଗ୍ରାମ୍ୟ ବ୍ୟାଙ୍କ କୃଷି ଓ ଗ୍ରାମାଞ୍ଚଳ ବ୍ୟାଙ୍କ ପାଇଁ, ଭାରତୀୟ ଔଦ୍ୟୋଗିକ ବ୍ୟାଙ୍କ ବୃହତ୍ ଶିଳ୍ପ ଓ ମଧ୍ୟମ ଶିଳ୍ପ ପାଇଁ, ଭାରତୀୟ ଲଘୁ ଉଦ୍ୟୋଗ ବ୍ୟାଙ୍କ କ୍ଷୁଦ୍ର ଓ ଗ୍ରାମ୍ୟ ଶିଳ୍ପ ପାଇଁ ଏବଂ ଭାରତୀୟ ରପ୍ତାନି-ଆମଦାନି ବ୍ୟାଙ୍କ ରପ୍ତାନି ଓ ଆମଦାନି ପାଇଁ ବଉନ୍ଧ ସରକାର୍ଷ ଷ୍ଟେଟ ବ୍ୟାଙ୍କ, ଜାତୀୟକରଣ ବ୍ୟାଙ୍କ ଓ ସମବାୟ ବ୍ୟାଙ୍କମାନଙ୍କ ଜରିଆରେ ଋଣ ଯୋଗାଇ ଦିଅନ୍ତି । ଏହି ବ୍ୟାଙ୍କମାନେ ସରକାର, ରିଜର୍ଭବ୍ୟାଙ୍କ ଓ ଖୋଲାବଜାରରୁ ଋଣ ଉଠାଇ ପାଣ୍ଠି ସଂଗ୍ରହ କରନ୍ତି ।" ମ୍ୟାନେଜରବାବୁ କୁନ୍‌ମୁନ୍‌କୁ ବୁଝାଇ କହିଲେ ।

ଏହି ସମୟରେ କୁନ୍‌ମୁନ୍‌ର ଜେଜେବାପା ଆସି ପହଞ୍ଚି କହିଲେ— ଆମ କୁନ୍‌ମୁନ୍ ମ୍ୟାନେଜରବାବୁଙ୍କର ଆଜ ବହୁ ସମୟ ନଷ୍ଟକଲା । ମୋର ଆସୁ ଆସୁ ଟିକେ ଡେରିହେଲା । ସେ ଅପେକ୍ଷେ ବହୁତ ହଇରାଣ କରିଥିବ ।"

"ନା, ମୋର ସମୟ କାହିଁ ସେ ସେ ନଷ୍ଟକରିବ ? ବରଂ ମୋ ସମୟର ସଦ୍‌ବ୍ୟବହାର ହେଉଛି ।" ମ୍ୟାନେଜରବାବୁ ହସି କହିଲେ ।

"ହଁ ଆଡ଼େଙ୍କ କାମ ହୋଇଗଲା ତ ?"—ମେନେଜରବାବୁ ପଚାରିଲେ ?

"ମୋ କାମଟା ହୋଇଯାଇଛି; କନ୍ତୁ ଚନ୍ଦ୍ରସିଲ୍‌ଦାରବାବୁ ନଥିବାରୁ ତାଙ୍କ ଦସ୍ତଖତଟା କେବଳ ବାକି ଅଛି । ବଡ଼ବାବୁ କହିଲେ ସେ ସେ ଟୁର୍‌ରୁ ଆଜ ସନ୍ଧ୍ୟାରେ ଫେରିବେ । କାଲି ୧୦ଟା ବେଳକୁ ପୁଣି ଆସିଲେ ମୋ କାମଟା ହୋଇଯିବ ।" ସାନନ୍ତରପୁବାବୁ କହିଲେ ।

ସାନନ୍ତରପୁବାବୁଙ୍କ ଚାଟିର କଥା ଶେଷ ହୋଇଛି କି ନାହିଁ ଟେଲିଫୋନ୍‌ଟା ବାଜିଉଠିଲା । ମ୍ୟାନେଜରବାବୁ ଟେଲିଫୋନ୍ ଉଠାଇ କହିଲେ—

"ମୁଁ ମ୍ୟାନେଜର କହୁଛି..."

Digitized by srujanika@gmail.com

"ନମସ୍କାର !

"କ'ଣ ବର୍ତ୍ତମାନ ?"

"ହଉ ମୁଁ ଅପେକ୍ଷା କରୁଛି, ଆପଣମାନେ ଆସନ୍ତୁ ।"

ମ୍ୟାନେଜରବାବୁ ଟେଲିଫୋନ୍ ଥୋଇଦେଇ କହିଲେ—"ବ. ଡ. ଓ. ଟେଲିଫୋନ୍ କରିଥିଲେ—ଆଜ ଫୁଲପୁର ଗାଁରେ ଗ୍ରାମସଭା ବସୁଛି, ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ପାଇଁ ହିତାଧିକାରୀମାନଙ୍କୁ ବାଛିବା ପାଇଁ । ସେ ସେଠାକୁ ଯାଉଛନ୍ତି—ମୋତେ ଯିବାକୁ କହୁଛନ୍ତି । ମୁଁ ବର୍ତ୍ତମାନ ତାଙ୍କ ସହିତ ଯିବି । ଅପଣ ତ କାଲି ପୂର୍ଣ୍ଣି ଆସିବେ ଚଢ଼ପିଲ୍ ଅଫିସକୁ—କୁନ୍‌ମୁନ୍‌କୁ ସାଙ୍ଗରେ ନେଇଆସିବେ । ବ୍ୟାଙ୍କରେ କିପରି ଟଙ୍କା ଜମାହୁଏ, ଆଉ ଟଙ୍କା ଉଠାଯାଏ ସେ ତାକୁ ଦେଖିବ ।"

"ହଉ, କାଲି ତ ମୁଁ ଆସିବି ତାକୁ ସାଙ୍ଗରେ ନେଇ ଆସିବ"—ଏତା କହି ସାମନ୍ତରସ୍ୱପ୍ନବାବୁ ମ୍ୟାନେଜରବାବୁଙ୍କୁ ନମସ୍କାର କଲେ । କୁନ୍‌ମୁନ୍ ମଧ୍ୟ ନମସ୍କାର କଲା । ମ୍ୟାନେଜରବାବୁ ସେ ଦୁଇଜଣଙ୍କୁ ପ୍ରତିନମସ୍କାର କଲେ । ଜେଜେ ଓ ନାତୁଣୀ ଦୁଇଜଣ ଘରକୁ ଫେରିଗଲେ ।

୧୯ । ଆକାଉଣ୍ଟ ଖୋଲିବା ପ୍ରଣାଳୀ

ପରଦିନ ସାମନ୍ତରସ୍ୱପ୍ନବାବୁ କୁନ୍‌ମୁନ୍‌କୁ ନେଇ ମ୍ୟାନେଜରବାବୁଙ୍କ ପ୍ରକୋଷ୍ଠରେ ପହଞ୍ଚି ଦେଖିଲେ ଫୁଲପୁର ଗାଁର ଶରଚ୍ଚନ୍ଦ୍ର ବଶ୍ୱାଳ ବସିଚନ୍ତି । ସେ ସାମନ୍ତରସ୍ୱପ୍ନବାବୁଙ୍କୁ ଦେଖି ନମସ୍କାର କଲେ । ସାମନ୍ତରସ୍ୱପ୍ନବାବୁ ପ୍ରତିନମସ୍କାର କରି ବଶ୍ୱାଳବାବୁଙ୍କୁ ନମସ୍କାର କରିବାକୁ କୁନ୍‌ମୁନ୍‌କୁ କହିଲେ । କୁନ୍‌ମୁନ୍ ନମସ୍କାରକଲା ।

"ଏଇ ତାହାହେଲେ ଆପଣଙ୍କ ନାତୁଣୀ ? ମ୍ୟାନେଜରବାବୁ କହୁଥିଲେ ଆପଣ ନାତୁଣୀକୁ ଧରି ଆସିବେ ବୋଲ ।"—ବଶ୍ୱାଳବାବୁ କହିଲେ ।

Digitized by srujanika@gmail.com

"ମ୍ୟାନେଜରବାବୁ କାହାନ୍ତି ?"—ସାମନ୍ତରାୟବାବୁ ପ୍ରଶ୍ନ କଲେ ।

"କ'ଣ ଗୋଟାଏ ଖବର ସେ ଘରେ ଛୁଡ଼େଇ ଆସିଥିଲେ—ଆଣିବାକୁ ଯାଇଚନ୍ତି —ଏଇ ଆସୁଥିବେ ।"

"କହନ୍ତୁ ଆପଣ ଆସିଲେ କୁଆଡ଼େ ? କ'ଣ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବେ ?"—ସାମନ୍ତରାୟବାବୁ ପଚାରିଲେ ।

"ମୁଁ ଗତମାସ ୩୧ ତାରିଖ ଦିନ ଅବସର ନେଲି—ଏଇ ବ୍ୟାଙ୍କ ଜରିଆରେ ମୋର ପେନ୍‌ସନ୍ ନେବ । ଆଜି ଆସିଛି ଆକାଉଣ୍ଟ ଖୋଲି ପେନ୍‌ସନ୍ ପାଇବାର ଆନୁଷଙ୍ଗିକ ବ୍ୟବସ୍ଥା କରିବ ।" ବଶ୍ୱାଳବାବୁ କହିଲେ ।

—"ମୁଁ ତ ଏହି ବ୍ୟାଙ୍କ ଜରିଆରେ ମୋର ପେନ୍‌ସନ୍ ନେଉଛି—କିଛି ଅସୁବିଧା ହେଉନି । ଭଲହେବ—ଆପଣ ଏଇ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ପେନ୍‌ସନ୍ ନିଅନ୍ତୁ ।"

"ମ୍ୟାନେଜରବାବୁ ତ ଆପଣଙ୍କ କଥା କହୁଥିଲେ"—ବଶ୍ୱାଳବାବୁ ଆଡୁର କ'ଣ କହିବାକୁ ଯାଉଥିଲେ—ଏଇ ସମୟରେ ମ୍ୟାନେଜରବାବୁ ଆସି ପହଞ୍ଚିଗଲେ । ସାମନ୍ତରାୟବାବୁ ଆଉ କୁନ୍‌ମୁନ୍ ମ୍ୟାନେଜରବାବୁଙ୍କୁ ନମସ୍କାରକଲେ ।

ମ୍ୟାନେଜରବାବୁ ପ୍ରତିନମସ୍କାର କରି କହିଲେ-"ଆପଣମାନେ ଡାକିପଠେଇଲେ ଆସିଗଲେଣି ?"

"ହଁ ଆଜ୍ଞା ! କୁନ୍‌ମୁନ୍ ଯାହା ବୁଝିବ ଆପଣଙ୍କଠାରୁ ବୁଝିଥାଉ । ମୁଁ ଚଉସିଲ ଅଫିସରୁ ମୋ କାମ ସାରି ଆସୁଛି"—ସାମନ୍ତରାୟବାବୁ ଏତା କହି ଘରଭିତରକୁ ବାହାରୁଥିବାବେଳେ ମ୍ୟାନେଜରବାବୁ କହିଲେ—"ଟିକେ ରହନ୍ତୁ, ଆକାଉଣ୍ଟ ଖୋଲିବା ଫର୍ମରେ ବଶ୍ୱାଳବାବୁଙ୍କୁ ଟହଟ କରିଦେଇ ଯିବେ ।"

ମ୍ୟାନେଜରବାବୁ ଘଣ୍ଟି ବଜାଇ ପିଅନ୍‌କୁ ଡାକ ପେଭ୍‌ଂସ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପାଇଁ ଆବଶ୍ୟକ କାଗଜପତ୍ର ଆଣିବାକୁ କହିଲେ । ପିଅନଟି ପାଙ୍କେ ପାଙ୍କେ କାଗଜଗୁଡ଼ାକ ଆଣି ମ୍ୟାନେଜରବାବୁଙ୍କୁ ବଢ଼ାଇଦେଲା । ମ୍ୟାନେଜରବାବୁ ବଶ୍ୱାଳବାବୁଙ୍କୁ ଫର୍ମଟି ଦେଇ ପୂରଣ କରିବାକୁ କହିଲେ । ଆଉ କୁନ୍‌ମୁନ୍‌କୁ କହିଲେ ଫର୍ମଟି କିପରି ପୂରଣହେଉଛି ଦେଖିବାକୁ ।

ବଶ୍ୱାଳବାବୁ ଫର୍ମରେ ତାଙ୍କ ନାମ, ତାଙ୍କ ବାପାଙ୍କ ନାମ ଓ ଠିକଣା ଲେଖିଲେ । ସେ ୧୦୧ ଟଙ୍କା ଦେଇ ଆକାଉଣ୍ଟ ଖୋଲିବେ ବୋଲି ଠିକ୍ କରିଥିଲେ, ତାହା ମଧ୍ୟ

Digitized by srujanika@gmail.com

ଫର୍ମରେ ପୂରଣକଲେ । ନର୍ଦ୍ଦିଷ୍ଟ ସ୍ଥାନରେ ତାଙ୍କ ଦସ୍ତଖତ କଲେ । ତାଙ୍କୁ ଚଦ୍ଧଃ କରିବା ପାଇଁ ଉଦ୍ଦିଷ୍ଟ ଥିବା ସ୍ଥାନରେ ସାମନ୍ତସ୍ପୁବାବୁ ଦସ୍ତଖତ କରିବା ପରେ ସେ ଚତ୍ତସିଲ ଅଫିସକୁ ଗଲଗଲେ ।

ବଶ୍ୱାଳବାବୁଙ୍କ ଦେଭଂସ୍ ବ୍ୟାଙ୍କ ଆକାଉଣ୍ଟ ଖୋଲ୍ ଫର୍ମରେ ତାର ଜେଜେବାପାଙ୍କର ଦସ୍ତଖତର ଆବଶ୍ୟକତା କ'ଣ ଥିଲ୍ ବୋଲ କୁନ୍‌ମୁନ୍ ପ୍ରଶ୍ନକଲ୍ ।

ମ୍ୟାନେଜରବାବୁ କହିଲେ—"ଶରତଚନ୍ଦ୍ର ବଶ୍ୱାଳଙ୍କୁ ଆମେ ଚଦ୍ଧିନାଡୁଁ । ତାଙ୍କ ନାଁରେ ଯେଉଁ ଖାତାଟି ଖୋଲ୍ଯିବ, ସେହି ଖାତାରେ ତାଙ୍କ ନାମରେ ଥିବା ଚେକ୍‌ସବୁ ବ ଜମାହେବ । ଯଦି ଆଜି ଜଣେ ଲୋକ କଏ ଆସି ଶରତଚନ୍ଦ୍ର ବଶ୍ୱାଳଙ୍କ ନାଁରେ ଖାତା ଖୋଲନ୍ତା, ଆଉ ଶରତଚନ୍ଦ୍ର ବଶ୍ୱାଳ ପାଇଥିବା ଚେକ୍‌ଟିକୁ କୌଣସିମତ୍ତେ ଷ୍ଟେସ୍ତାଇ ଆଣି ଜମାକଲ୍ଯପରେ ଟଙ୍କା ଉଠାଇନଅନ୍ତା, ତେବେ ପ୍ରକୃତ ଶରତଚନ୍ଦ୍ର ବଶ୍ୱାଳଙ୍କର ଅସୁବିଧେ ହେବ । ଚେଣ୍ଟ ଖାତା ଖୋଲିବାକୁ ଆସିଥିବା ଏ ବାବୁ ପ୍ରକୃତରେ ଶରତଚନ୍ଦ୍ର ବଶ୍ୱାଳ କ ନୁହନ୍ତି ତାହା ଜାଣିବାକୁ ବ୍ୟାଙ୍କ ପକ୍ଷରୁ ତାରବାର କରୁଥିବା ଉମର ଜେଜେବାପାଙ୍କଦ୍ୱାରା ତାଙ୍କୁ ଚଦ୍ଧଃ କରାଗଲ୍ । ସେ ଶରତଚନ୍ଦ୍ର ବଶ୍ୱାଳ ହୋଇନଥିଲେ ଉମର ଜେଜେବାପା ତାଙ୍କୁ ଚଦ୍ଧଃ କରିନଥାନ୍ତେ ।"

"ତାହାହେଲେ ସାର୍ ଜମାକାଙ୍ଖୀମାନଙ୍କ ଉପକାର ପାଇଁ ଏପରି ଚଦ୍ଧଃ କରିବାର ବ୍ୟବସ୍ଥା ହୋଇଛି ।"

—"ହଁ, ତମେ ଠିକ୍ କହିଲ" ବୋଲ କହି ମ୍ୟାନେଜରବାବୁ ବଶ୍ୱାଳବାବୁଙ୍କ ହାତକୁ ଖଣ୍ଡିଏ ନମୁନା ଦସ୍ତଖତ କାର୍ଡ଼ ବଢ଼ାଇଦେଇ ସେଥିରେ ତତୋଽଧିକ ନମୁନା ଦସ୍ତଖତ କରିବାକୁ କହିଲେ । ବଶ୍ୱାଳବାବୁ ତାଙ୍କର ତତ୍ତଗୋଟି ନମୁନା ଦସ୍ତଖତ କରି କାର୍ଡ଼ଟିକୁ ମ୍ୟାନେଜରବାବୁଙ୍କୁ ଦେଲେ ।

ଏ ନମୁନା ଦସ୍ତଖତ କ'ଣ ହେବ ହୋଲ କୁନ୍‌ମୁନ୍ ଜାଣିବାକୁ ପଗ୍ଭରିବାରୁ ମ୍ୟାନେଜରବାବୁ କହିଲେ—"ଏଇ ନମୁନା ଦସ୍ତଖତ ସହ ମିଳାଇ ପରେ ଖାତାରୁ ଟଙ୍କା ଉଠାଯାଇପାରିବ । ପରେ ଚେକ୍ ହେଉ କମ୍ବା ଟଙ୍କା ଉଠାଣ ଫର୍ମରେ ଦସ୍ତଖତ ସହ ଚେକ୍ କମ୍ବା ଟଙ୍କା ଉଠାଣ ଫର୍ମରେ ଥିବା ଦସ୍ତଖତକୁ ମିଳାଇଲ ପରେ ଟଙ୍କା ଉଠାଇବାକୁ ଅନୁମତି ଦଆଯିବ । ନମୁନା ଦସ୍ତଖତ ସହ

Digitized by srujanika@gmail.com

ଚେକ୍ ବା ଟଙ୍କା ଉଠାଣ ଫର୍ମରେ ଥିବା ଦସ୍ତଖତ ନ ମିଳିଲେ ଟଙ୍କା ଉଠାଇବାକୁ ଦିଆଯିବନାହିଁ । ଏଡ଼ାଡ଼ାସ୍ତ୍ର ଜଣେ ଖାତାଧାସ୍ତ୍ରଙ୍କ ଖାତାରୁ ଅନ୍ୟ ଜଣେ ଖାତା-ଧାସ୍ତ୍ର ଟଙ୍କା ଉଠାଇ ନେଇ ପାରିବ ନାହିଁ ।"

"ତାଡ଼ାତେଲେ ଜଣକର ଟଙ୍କା ଯେପରି ଅନ୍ୟ ଜଣେ ନେଇ ନପାରିବ, ସେପରୁ ପାଇଁ ଏତେ ପ୍ରକାର ବ୍ୟବସ୍ଥା ବ୍ୟାଙ୍କରେ ଅଛି ।"—କୁନ୍‌ମୁନ୍ କହିଲା ।

ଏଡ଼ା ପରେ ପରେ ମ୍ୟାନେଜରବାବୁ ଆଉ ଗୋଟିଏ ଫର୍ମ ବଶ୍ୱାଳବାବୁଙ୍କ ହାତକୁ ଦେଲେ । ଏ ଫର୍ମଟି କ'ଣ ବୋଲି ବଶ୍ୱାଳବାବୁ ପଚାରିବାରୁ ମ୍ୟାନେଜରବାବୁ କହିଲେ—"ଏଇଟି ମନୋନୟନ ଫର୍ମ । ପୂର୍ବରୁ ବ୍ୟାଙ୍କରେ ମନୋନୟନର ବ୍ୟବସ୍ଥା ନଥିଲା । ଜଣେ ଜମାକାସ୍ତ୍ରଙ୍କର କୌଣସି କାରଣରୁ ମୃତ୍ୟୁ ହେଲେ ତାଙ୍କ ନାମରେ ଥିବା ଜମା ଟଙ୍କା ଉତ୍ତରାଧିକାସ୍ତ୍ରମାନଙ୍କୁ ପାଇବାକୁ ହେଲେ କୋର୍ଟକୁ ଯାଇ ଉତ୍ତରାଧିକାସ୍ତ୍ର ସାର୍ଟିଫିକେଟ ଆଣିବାକୁ ହେଉଥିଲା । ଏଥିପାଇଁ ସମସ୍ତ ଦରକାର ହେଉଥିବା ଓ ଖର୍ଚ୍ଚ ହେବାକୁ ମଧ୍ୟ ପଡ଼ୁଥିଲା । ଏବେ ଆଇନର ସଂଶୋଧନ କରାଯାଇ ଜଣେ ଜମାକାସ୍ତ୍ରଙ୍କ ମୃତ୍ୟୁ ପରେ କଏ ତାଙ୍କ ନାମରେ ଥିବା ଟଙ୍କା ଉଠାଇ ନେଇପାରିବ, ସେଥିପାଇଁ ଜମାକାସ୍ତ୍ର ମନୋନୟନ କରି ଯାହା ନାମ ଉଲ୍ଲେଖ କରିଥିବେ ସେ ଜମାକାସ୍ତ୍ରଙ୍କ ମୃତ୍ୟୁ ପରେ କୋର୍ଟ କଚେରିକୁ ନଯାଇ ବ୍ୟାଙ୍କ୍‌ରୁ ଟଙ୍କା ଉଠାଇପାରିବେ ।"

"ଯାଉ ହେଉ, ତାଡ଼ାତେଲେ ଏ ଗୋଟିଏ ଭଲ ବ୍ୟବସ୍ଥା ହୋଇଛି ।"—ବଶ୍ୱାଳବାବୁ ଏଡ଼ା କହି ମ୍ୟାନେଜରବାବୁଙ୍କଠାରୁ ଫର୍ମ ନେଇ ପୂରଣ କଲେ ।

ଶେଷରେ ମ୍ୟାନେଜରବାବୁ ଟଙ୍କା ଜମା କରିବାପାଇଁ ଜମା ସ୍ଲିପ୍‌ଣ ଖଣ୍ଡିଏ ଦେଇ ସେଥିରେ ନାମ ଓ ତାଙ୍କର ନୂତନ ଖାତା ନମ୍ବର, ତାରିଖ ଓ କେତେ ଟଙ୍କା ରଖିବେ ଉଲ୍ଲେଖ କରି କ୍ୟାସ୍ କାଉଣ୍ଟର୍‌ରେ ଜମା କରିବାକୁ କହିଲେ । ବଶ୍ୱାଳବାବୁଙ୍କ ପାଖରେ ଯାଇ କେତେ ଟଙ୍କା ଜମା ଦିଆଯାଉଛି ତାହା ଦେଖିବାକୁ ମ୍ୟାନେଜରବାବୁ କୁନ୍‌ମୁନ୍‌କୁ କହିଲେ ।

ବଶ୍ୱାଳବାବୁ ଜମା ସ୍ଲିପ୍‌ଣ ସହ ତାଙ୍କର ୧୦୧ ଟଙ୍କା ନେଇ ବ୍ୟାଙ୍କିଙ୍ଗ୍ ହଲ୍‌ର ଗୋଟିଏ କୋଣରେ ଥିବା କ୍ୟାସ୍ କାଉଣ୍ଟର୍‌ରେ ତାର ଜାଲ ଘେରା ପ୍ରକୋଷ୍ଠ ମଧ୍ୟରେ ବସିଥିବା କ୍ୟାସିଅର୍‌କୁ ଜମାସ୍ଲିପ୍‌ଣ ସହ ଟଙ୍କା ବଢ଼ାଇ-ଦେଲେ । କ୍ୟାସିଅର୍ ଟଙ୍କା ଗଣି ମୁଣ୍ଡା ଚେକ୍ ରସିଦ୍ ବଶ୍ୱାଳବାବୁଙ୍କୁ ଦେଲେ ।

ବଶ୍ୱାଳବାବୁ ରସିଦ୍ ଧରି ମ୍ୟାନେଜରବାବୁଙ୍କ ପ୍ରକୋଷ୍ଠକୁ ଫେରିଆସିବାରୁ

Digitized by srujanika@gmail.com

ମ୍ୟାନେଜରବାବୁ ସଦ୍ଭକାଷ୍ଠ ମ୍ୟାନେଜରବାବୁଙ୍କ ପାଖକୁ ଯାଇ ତାଙ୍କ ପାସ୍ ବହି ନେଇଯିବାକୁ କହିଲେ ଏବଂ ଗଲା ପୂର୍ବରୁ ତାଙ୍କ ଚେକ୍‌ସନ୍ ସମ୍ବନ୍ଧୀୟ କାଗଜ-ପତ୍ରରେ ଦସ୍ତଖତ କରି ଦେଇ ଯିବାକୁ ମଧ୍ୟ ଉପଦେଶ ଦେଲେ । କୁନ୍‌ମୁନ୍ ବଶ୍ୱାଳବାବୁଙ୍କ ସାଥେ ସାଥେ ଥାଇ ସବୁ ଦେଖୁଥାଏ ।

ବଶ୍ୱାଳବାବୁ ଓ କୁନ୍‌ମୁନ୍ ଯାଇ ସଦ୍ଭକାଷ୍ଠ ମ୍ୟାନେଜରଙ୍କ ନକଟରେ ବସିଲେ । ବଶ୍ୱାଳବାବୁ ଦେଖିଲେ ତାଙ୍କ ଜମା ଗ୍ଲଣ୍ଣ କ୍ୟାସିଅର୍‌ଙ୍କଠାରୁ ଆସି ସଦ୍ଭକାଷ୍ଠ ମ୍ୟାନେଜରଙ୍କ ଟେବୁଲ୍ ଉପରେ ଥୁଆ ହୋଇଛି । ସଦ୍ଭକାଷ୍ଠ ମ୍ୟାନେଜର ତାଙ୍କ ଖାତା ଖୋଲିବା ଫର୍ମ ଓ ଜମା ଗ୍ଲଣ୍ଣକୁ ଲେଜର୍ କାଉଣ୍ଟର୍ କ୍ଲର୍କଙ୍କ ପାଖକୁ ପଠାଇଦେଲେ । ଲେଜର୍‌କାଉଣ୍ଟର୍ କ୍ଲର୍କ ତାଙ୍କ ନାମ, ଠିକଣା, କେତେ ଟଙ୍କା ଜମା କଲେ ଲେଜର୍‌ରେ ଭର୍ତ୍ତି କଲା ପରେ ପାସ୍‌ବହିଟି ମଧ୍ୟ ପ୍ରସ୍ତୁତ କରି ସଦ୍ଭକାଷ୍ଠ ମ୍ୟାନେଜରଙ୍କ ପାଖକୁ ପଠାଇଦେଲେ । ସଦ୍ଭକାଷ୍ଠ ମ୍ୟାନେଜର ବଶ୍ୱାଳବାବୁଙ୍କୁ ପାସ୍‌ବହି ଦେଇ ତାଙ୍କର ଦସ୍ତଖତ ଦେଲେ । ଟଙ୍କା ଉଠାଇବା ପାଇଁ ମଧ୍ୟ ଚେକ୍‌ବହିଟି ବଶ୍ୱାଳବାବୁଙ୍କୁ ଦେଇ ତାଙ୍କର ଦସ୍ତଖତ ନେଲେ । କୁନ୍‌ମୁନ୍ ବଶ୍ୱାଳବାବୁଙ୍କ ସାଥିରେ ଥାଇ ଏସବୁ ଲକ୍ଷ୍ୟ କରୁଥାଏ । ବଶ୍ୱାଳବାବୁ ଗ୍ଲଣ୍ଣଆସିବାକୁ ଉଠିବାରୁ ସଦ୍ଭକାଷ୍ଠ ମ୍ୟାନେଜର ତାଙ୍କ ଚେକ୍‌ସନ୍ କାଗଜପତ୍ରରେ ଦସ୍ତଖତ କରିଦେବାକୁ କହିଲେ ।

"ଆରେ ହଁ, ମୁଁ ଅସଲ କାମଟା ଭୁଲିଯାଇଥିଲି" — କୋଳ ବଶ୍ୱାଳବାବୁ ହସି ହସି କହି ତାଙ୍କ ଚେକ୍‌ସନ୍ କାଗଜରେ ନିଜର ଦସ୍ତଖତ କରି ଫେରଗଲେ ।

ମ୍ୟାନେଜରବାବୁ ଆସି କୁନ୍‌ମୁନ୍‌କୁ ପଚାରିଲେ—"ବ୍ୟାଙ୍କ୍‌ରେ ଖାତା କେମିତି ଖୋଲ୍ଲୁଏ ତାହା ଦେଖିଲ ତ ?"

"ହଁ ସାର୍"— କୁନ୍‌ମୁନ୍ ହସି କହିଲା ।

୧୦ । ଟଙ୍କା ଉଠାଇବ କପରି ?

"ସାର୍, ଖାତାରୁ ଟଙ୍କା କପର ଉଠାଯାଏ ?" — କୁନ୍‌ମୁନ୍ ଜାଣିବାକୁ ଗ୍ଭହିଁଲା ।

"ଟଙ୍କା କପର ବ୍ୟାଙ୍କ୍‌ରୁ ଉଠାଯାଏ ତାହା ଜାଣିବାକୁ ଯଦି ଗ୍ଭହୁଁଛ ଲେଜର୍

Digitized by srujanika@gmail.com

କାଉଣ୍ଟରରେ ଯାଇ ଠିଆହୁଅ--ବହୁ ଗ୍ରାହକ ଟଙ୍କା ଉଠାଇବାକୁ ଆସୁଛନ୍ତି । ଲକ୍ଷ୍ୟକର ସେମାନେ କପରି ଟଙ୍କା ଉଠାଉଛନ୍ତି ।" ମ୍ୟାନେଜରବାବୁ କୁନ୍‌ମୁନ୍‌କୁ କହିଲେ ।

କୁନ୍‌ମୁନ୍ କାଉଣ୍ଟରରେ ଯାଇ ଠିଆହେଲା । ଗ୍ରାହକମାନେ ଟଙ୍କା ଉଠାଇବାକୁ ଆସି ସେମାନଙ୍କ ଚେକ୍ କାଉଣ୍ଟରରେ ଥିବା କ୍ଲର୍କକୁ ଦେଉଥାନ୍ତି । ଚେକ୍‌ରେ ତାରଖ, କେତେ ଟଙ୍କା ଉଠାପିବ, କଏ ନେବ ଏବଂ ଜମାକାରୀଙ୍କ ଦସ୍ତଖତ ଥାଏ । ଚେକ୍ ଦେବାମାତ୍ରେ କ୍ଲର୍କ ନମ୍ବର ଥିବା ଗୋଟିଏ ଗୋଟିଏ ପିତଳ ଟୋକନ୍ ଚେକ୍ ଦେଉଥିବା ଲୋକମାନଙ୍କୁ ବଢ଼ାଇ ଦେଉଥାନ୍ତି । ପାଞ୍ଚ ଛ'ଟି ଚେକ୍ ହୋଇଗଲେ ସେଗୁଡ଼ିକୁ ସଦ୍ଦକାରୀ ମ୍ୟାନେଜରଙ୍କ ପାଖକୁ ପଠାଇ ଦେଉଥାନ୍ତି । ସଦ୍ଦକାରୀମ୍ୟାନେଜର ଚେକ୍‌ରେ ଥିବା ଦସ୍ତଖତକୁ ନମୁନା ଦସ୍ତଖତ ସଦ୍ଦ ମିଳାଇ ମଞ୍ଜୁର କଲ୍ ପରେ ପୂଣି ଚେକ୍‌ଗୁଡ଼ିକୁ କ୍ଲର୍କଙ୍କ ନକଟକୁ ଫେରାଇ ଦେଉଥାନ୍ତି ।

କ୍ଲର୍କ ଜଣକ ଯାହା ଚେକ୍ ତାଙ୍କ ଖାତାରେ କେତେ ଟଙ୍କା ଉଠାହେଲା ଲେଖିବା ପରେ ଆଉ ଜଣେ ଅଫିସର ଆସି ଟଙ୍କା ଉଠାଇବାକୁ ମଞ୍ଜୁର କରି ଖାତାରେ ଦସ୍ତଖତ କରୁଥାନ୍ତି । ପାଞ୍ଚ ଛ'ଟି ଚେକ୍ ମଞ୍ଜୁର ହେବା ପରେ ଗୋଟିଏ ଖାତାରେ ସେସବୁକୁ କ୍ୟାସିଅରଙ୍କ ପାଖକୁ ପଠାଇ ଦିଆଯାଉଥାଏ । କ୍ୟାସିଅର୍ ଚେକ୍‌ଗୁଡ଼ିକ ପାଇବା ପରେ ଟୋକନ୍ ନମ୍ବର ଡାକନ୍ତି—ଆଉ ଯେ ଯାହାର ଟୋକନ୍ ଦେଇ କ୍ୟାସିଅର୍‌ଙ୍କଠାରୁ ଟଙ୍କା ନେଇ ଚାଲିଯାଆନ୍ତି ।

କୁନ୍‌ମୁନ୍ ଠିଆରହି ଟଙ୍କା କପରି ଉଠାଯାଏ ଚାହିଁ ଦେଖିଲା ।

୧୧ । ବ୍ୟାଙ୍କର ବଭିନ୍ନ ସେବା

କିଛି ସମୟ ପରେ ମ୍ୟାନେଜରବାବୁ ବ୍ୟାଙ୍କିଙ୍ଗ୍ ହଲ୍ ଭିତରକୁ ଆସି କୁନ୍‌ମୁନ୍‌କୁ ପଚାରିଲେ—"ଟଙ୍କା କପରି ଉଠାଯାଏ ଜାଣିଲ ତ ?"

"ହଁ ସାର୍"—କୁନ୍‌ମୁନ୍ କହିଲା ।

Digitized by srujanika@gmail.com

"ଆଜ୍ କ'ଣ ଜାଣିବାକୁ ଗ୍ଭଁଚ ?"—ମ୍ୟାନେଜରବାବୁ ପଚ୍ଛଲେ ।

"ସାର୍, ମୋର ଆଜ୍ ଅଲ୍ପ କେତୋଟି ସନ୍ଦେହ ଅଛି ।"

"ତେବେ ମୋ କୋଠରକୁ ଆସ—ମୁଁ ତମର ସନ୍ଦେହ ଦୂର କରିବ ।"

କୁନ୍ମୁନ୍ ମ୍ୟାନେଜରବାବୁଙ୍କ ସହ ତାଙ୍କ କୋଠରକୁ ଗଲ । ଉଭୟେ ବସିବା ପରେ ମ୍ୟାନେଜରବାବୁ କହିଲେ—"ହଁ କ'ଣ ସନ୍ଦେହ ଅଛି ପଚ୍ଚର ?"

"ସାର୍, ପ୍ରତିଦିନ ଯେଉଁ ଟଙ୍କା ଜମା ହେଉଛି—ତାହା ସବୁ ଏଇଟି ବ୍ୟାଙ୍କ୍ରେ ରହୁଛି ନା ଅନ୍ୟ କେଉଁଠିକୁ ପଠାଯାଉଛି ।"

"ପ୍ରତିଦିନ ଟଙ୍କା ଜମାହୁଏ ଏବଂ ଟଙ୍କା ଉଠାଣ ବି ହୁଏ । ଯଦି ବଳକା ଟଙ୍କା ରହେ, ତେବେ ଏକ ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ରଖି ବାକି ଟଙ୍କା ପରଦିନ ଶଜର୍ଭବ୍ୟାଙ୍କର କରେନସି ଚେଷ୍ଟକୁ ପଠାଇଦିଆଯାଏ । ଯଦି ଟଙ୍କା କେତେବେଳେ ଦରକାର ହୁଏ ଶଜର୍ଭବ୍ୟାଙ୍କର କରେନ୍ସି ଚେଷ୍ଟରୁ ମଧ୍ୟ ଅଣାଯାଏ ।"

"ହଁ ଗୋଟାଏ କଥା ମନେରଖ, ଶଜର୍ଭବ୍ୟାଙ୍କ କରେନ୍ସି ଚେଷ୍ଟ ନଜେ ପବ୍ଲାଠାରେ ଖୋଲନାହାନ୍ତି । ଶଜର୍ଭବ୍ୟାଙ୍କର ନଜର କରେନ୍ସି ଚେଷ୍ଟ ଆମ ରଜ୍ୟରେ କେବଳ ଭୁବନେଶ୍ୱରରେ ଅଛି । ଅନ୍ୟ ବଡ଼ ବଡ଼ ସ୍ଥାନମାନଙ୍କରେ ସରକାରୀ ଷ୍ଟେଟବ୍ୟାଙ୍କ ଓ ଜାତୀୟକରଣ ବ୍ୟାଙ୍କମାନେ ଶଜର୍ଭବ୍ୟାଙ୍କର ଏଜେଣ୍ଟ ରୂପେ କରେନ୍ସି ଚେଷ୍ଟ ଖୋଲି ଶଜର୍ଭବ୍ୟାଙ୍କ ତରଫରୁ ପରିଚାଳନା କରନ୍ତି ଏବଂ ପ୍ରତିଦିନ ଶଜର୍ଭବ୍ୟାଙ୍କକୁ ହିସାବ ମଧ୍ୟ ଦିଅନ୍ତି । ଆମେ ଯେଉଁ ଟଙ୍କା ଜମାଦେଉ ତାହା ଆମ ବ୍ୟାଙ୍କର ଖାତାରେ ଜମାହୋଇଯାଏ ଏବଂ ଆମେ ଯଦି ଟଙ୍କା ଆଣୁ ଆମ ଖାତାରୁ କଟାଯାଏ ।"

"ତାହାହେଲେ ସାର୍ ଆପଣ ଯାହା କହୁଥିଲେ ଯେ ଶଜର୍ଭବ୍ୟାଙ୍କ୍ ବ୍ୟାଙ୍କ୍ମାନଙ୍କର ବ୍ୟାଙ୍କ୍ ବୋଲି ସେହା ତାହାର ପ୍ରମାଣ ।"

"ହଁ ।"

"ସାର୍, ଆମ ଜେଜେବାପା ତ ଓଡ଼ିଶା ସରକାରଙ୍କ ଅଧୀନରେ କାମ କରୁଥିଲେ, ତାହାହେଲେ ବ୍ୟାଙ୍କ୍ ତାଙ୍କୁ ପେନ୍ସନ୍ କାହିଁକି ଦେଉଛି ?"

--କୁନ୍ମୁନ୍ ତା'ର ସନ୍ଦେହ ଦୂର କରିବାକୁ ପଚ୍ଛଲ୍ ।"

"ବ୍ୟାଙ୍କ୍ ତାଙ୍କୁ ନଜ ପାଣ୍ଠିରୁ ପେନ୍ସନ୍ ଟଙ୍କା ଦେଉନାହିଁ । ଆମେ ସରକାରଙ୍କ ତରଫରୁ ପେନ୍ସନ୍ ଦେଉଛୁ । ପରେ ଆମେ ଶଜର୍ଭ ବ୍ୟାଙ୍କ୍ ଜରିଆରେ

Digitized by srujanika@gmail.com

ଦରକାରଙ୍କଠାରୁ ଟଙ୍କା ପାଉଛୁ । ଏହି ସେବାପାଇଁ ବ୍ୟାଙ୍କ୍‌କୁ କମିଶନ୍ ମିଳୁଛି ।"

"ସାର୍, ବ୍ୟାଙ୍କ୍ ଆଉ ସବୁ କ କାମ କରେ ?" – କୁନ୍‌ମୁନ୍ ପଚାରିଲା ।

"ବ୍ୟାଙ୍କ୍ ଆଜକାଲି ବହୁ ନୂଆ ନୂଆ ଗ୍ରାହକ ସେବା କାମ କରୁଛନ୍ତି । ତମେ ସେସବୁ ଏବେ ବୁଝିପାରିବନାହିଁ । ତମକୁ ଆଜି କେତୋଟି ସାଧାରଣ ଗ୍ରାହକ ସେବା କଥା କହୁଛି ଶୁଣ ।"

"ମନେକର ତମର କାହୁ ବନ୍ଧୁ ଭୁବନେଶ୍ୱରରୁ ଜଣେ ବନ୍ଧୁଦୋକାନଙ୍କଠାରୁ କିଣିବାର ଅଛି । ସେ ବନ୍ଧୁ ଦୋକାନୀ ଲେଖିଛନ୍ତି ତାଙ୍କୁ ଆଗରୁ ଟଙ୍କା ଠାଇଲେ ସେ ବନ୍ଧୁ ପଠାଇବେ । ବନ୍ଧୁର ମୂଲ୍ୟ ଯାହା ସେହି ଟଙ୍କା ବ୍ୟାଙ୍କ୍‌ରେ ଏଠି ଜମା ଦେଇ ସେ ବନ୍ଧୁ ଦୋକାନଙ୍କ ନାମରେ ଡ୍ରାଫ୍‌ଟ କିଣି-ନେଇ ତାଙ୍କୁ ଠାଇଦେଲେ ଦୋକାନୀ ସେହି ଡ୍ରାଫ୍‌ଟକୁ ତାଙ୍କ ବ୍ୟାଙ୍କ୍ ଖାତାରେ ଜମା ଦେଇ ଭୁବନେଶ୍ୱରରେ ଥିବା ଆମ ବ୍ୟାଙ୍କ୍‌ରୁ ଟଙ୍କା ନେଇଯିବେ ଓ ତୁମକୁ ବନ୍ଧୁ ଠାଇଦେବେ । ସେମିତି ତମର ଯଦି ଅନ୍ୟତ୍ର ଟଙ୍କା ଠାଇବା ଦରକାର ଅଛି, ତମେ ଗୋଟିଏ ବ୍ୟାଙ୍କ୍‌ରୁ ଡ୍ରାଫ୍‌ଟ କିଣି ଠାଇପାରିବ । ଅବଶ୍ୟ ସେଥିପାଇଁ କାହୁ କମିଶନ୍ ବ୍ୟାଙ୍କ ନେବ ।"

ଏଡ଼ାଛଡ଼ା ଅନ୍ୟ ପ୍ରକାର ଉପାୟରେ ମଧ୍ୟ ବ୍ୟାଙ୍କ୍ ଜରିଆରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଟଙ୍କା ପଠାଯାଇପାରିବ । ମନେକର ତମର ବାପା କଲିକତାରେ ଚାକିରି କରୁଛନ୍ତି । ସେ ପ୍ରତି ମାସରେ କାହୁ ଟଙ୍କା ତମ ଜେଜେବାପାଙ୍କ ନାମରେ ପଠାଇବାକୁ ଚାହାଁନ୍ତି । ସେ କଲିକତାରେ ଥିବା ଆମ ବ୍ୟାଙ୍କ୍‌ରେ ଖାତା ଖୋଲି ସେଥିରେ ପ୍ରତି ମାସରେ ଟଙ୍କା ଜମା ଦେଇ ଯଦି ବ୍ୟାଙ୍କ୍‌କୁ ନିର୍ଦ୍ଦେଶ ଦିଅନ୍ତି ସେହି ଟଙ୍କାକୁ ତୁମ ଜେଜେବାପାଙ୍କ ପାଖକୁ ଆମର ଏହି ଶାଖା ଜରିଆରେ ପଠାଇବା ପାଇଁ ତାହା ମଧ୍ୟ ଦେଇପାରିବ । ଏହାକୁ ମେଲ୍ ଟ୍ରାନ୍‌ସଫର୍ କହନ୍ତି । ଆମେ ଆମ କଲିକତା ଶାଖାରୁ ନିର୍ଦ୍ଦେଶ ପାଇ ତମ ଜେଜେବାପାଙ୍କ ଖାତାରେ ଟଙ୍କା ଜମା ଦେଇଦେବୁ । ଏଥିପାଇଁ ମଧ୍ୟ ନିର୍ଦ୍ଦିଷ୍ଟ ହାରରେ କମିଶନ୍ ଦେବାକୁ ହେବ – କିନ୍ତୁ ତାହା ବିଶେଷ ନୁହେଁ ।"

"ହଁ, ଆଉ ଏକ ସେବା ମଧ୍ୟ ବ୍ୟାଙ୍କ ଯୋଗାଇଥାଏ । ମନେକର ତମେ ଏକ ପ୍ରବନ୍ଧ ପ୍ରତିଯୋଗିତାରେ ପୁରସ୍କାର ପାଇଲ – ତମକୁ ୫୦ ଟଙ୍କା ପୁରସ୍କାର ଚେକ୍ ଆକାରରେ ମିଳିଲା । ସେ ଚେକ୍‌ଟି କଟକର ଏକ ବ୍ୟାଙ୍କର ଶାଖା

Digitized by srujanika@gmail.com

ଉପରେ କଟାଯାଇଛୁ । ସେ ଚେକ୍‌କୁ ତମେ ଯଦି ଆମ ଶାଖାରେ ଖାତା ଖୋଲି ଜମା ଦେବ, ତେବେ ଆମେ କଟକରୁ ତମ ଟଙ୍କା ଫ୍ରତ ଜଣାଣି ତମ ଖାତାରେ ଜମାଦେବୁ । ଏଥିପାଇଁ ମଧ୍ୟ କଛୁ କମିଶନ୍ ତମକୁ ଦେବାକୁ ହେବ ।"

"ଘାର୍, ବ୍ୟାଙ୍କମାନେ ଏତେ ଜାମ ସବୁ କରୁଛନ୍ତି, କଛୁ ସବୁଥିରେ କମିଶନ୍ ଦେବାକୁ ହେଉଛୁ ?"—କୁନ୍‌ମୁନ୍ କହିଲା ।

"ବ୍ୟାଙ୍କ୍‌ମାନେ ହେଲେ ବ୍ୟବସାୟିକ ଅନୁଷ୍ଠାନ । କମିଶନ୍ ନ ନେଲେ ତାଙ୍କର ଖର୍ଚ୍ଚ ଉଠାଇବେ କିପରି ? କଛୁ ସେବା ବଦଳରେ କମିଶନ୍ ସେତେ ଅଧିକ ନୁହେଁ । ଏଡ଼ା ବ୍ୟତୀତ ବ୍ୟାଙ୍କ୍‌ମାନେ ଆଜିର ବଦ୍ଧତ ନୂଆ ନୂଆ ଗ୍ରାହକ ସେବା ପ୍ରଚଳନ କଲେଣି । ବିଶେଷତଃ ଇଂଲଣ୍ଡ ଆମେରିକା ଆଦି ଶିଳ୍ପୋନ୍ନତ ଦେଶର ବ୍ୟାଙ୍କ୍‌ମାନେ ବହୁ ଅଭିନବ ସେବାସବୁ ତାଙ୍କର ଗ୍ରାହକ-ମାନଙ୍କୁ ଯୋଗାଇ ଦେଉଛନ୍ତି । ଆମ ଦେଶର ବ୍ୟାଙ୍କ୍‌ମାନେ ଧୀରେ ଧୀରେ ସେସବୁ ଅନୁକରଣ କରୁଛନ୍ତି । ତମେ ବଡ଼ହେଲେ ସେସବୁ ଜାଣିପାରିବ ।"

ଏହି ସମୟରେ ସାନନ୍ତରପୁରାକୁ ଚଢ଼ିଲି ଅଫିସରୁ ତାଙ୍କ କାମ ଶେଷକରି ଆସି ପହଞ୍ଚିଗଲେ । କୁନ୍‌ମୁନ୍ ମ୍ୟାନେଜରବାବୁଙ୍କ ସଡ଼ କଥା ଦେଉଥିବା ଦେଖି କହିଲେ—"ତୁ ସକାଳ ପହରରୁ ମ୍ୟାନେଜରବାବୁଙ୍କ ସଡ଼ ବକର ବକର ଦୋଇ ତାଙ୍କୁ କାମ କରିବ ଦେଉନାଡୁଁ । ତ'ଣ ତୋର ବ୍ୟାଙ୍କ୍ ବିଷୟରେ ଜାଣିବା ପରି ନା ନାହିଁ ? ସତେ ଯେମିତି ଜଣେ ବ୍ୟାଙ୍କ୍ ବିଶେଷଜ୍ଞ ସେ ଦୋଇଯିବ ! ଆପଣଙ୍କ ସମୟ ଆଉ ନଷ୍ଟ ନକର ତାକୁ ମୋ ସାଙ୍ଗରେ ଫେରିଯିବାକୁ କୁହନ୍ତୁ ।"

"ଆପଣ କୁନ୍‌ମୁନ୍ ବିଷୟରେ ଏପରି ଘାରୁଛନ୍ତି କାହିଁକି ? ତା'ର ବ୍ୟାଙ୍କ୍ ବିଷୟରେ ଜାଣିବାପାଇଁ ଥିବା ଆଗ୍ରହ ଦେଖି ମୁଁ ତାକୁ ସବୁ କଥା ବୁଝାଉଛୁ । ସେ ବ୍ୟାଙ୍କ ବିଷୟରେ ଯାହାସବୁ ଜାଣିଲା, ତା'ର ସାଙ୍ଗସାଥୀ ଓ ଗାଁଲୋକମାନଙ୍କୁ ବଇନ୍ଧ ସମୟରେ କଥାପ୍ରସଙ୍ଗରେ କହିବେ ସେମାନେ ବ୍ୟାଙ୍କ୍ କାରବାର ବିଷୟରେ ଜାଣିବେ । ଆମର ସାଧାରଣ ଲୋକମାନେ ବ୍ୟାଙ୍କ୍ କାରବାର ବିଷୟରେ ଜାଣିଲେ ବ୍ୟାଙ୍କ ଦେଉଥିବା ସେବାପ୍ରତି ଆଗ୍ରହ ପ୍ରକାଶ କରିବେ । ବ୍ୟାଙ୍କ୍‌ରେ ଖାତା ଖୋଲିବେ । ଏଥିଦ୍ୱାରା ବ୍ୟାଙ୍କର ବ୍ୟବସାୟ ବୃଦ୍ଧି ପାଇବ । ବ୍ୟାଙ୍କ୍ ବ୍ୟବସାୟ ବୃଦ୍ଧି ଅର୍ଥ ଆମର ଅର୍ଥନୈତିକ ଅବସ୍ଥାର ଉନ୍ନତି ହେବ । ଯେଉଁ ଦେଶର ଲୋକମାନେ ବ୍ୟାଙ୍କ୍ ସହିତ ଯେତେ ବେଶି କାରବାର କରନ୍ତି, ସେ ଦେଶର ଅର୍ଥନୈତିକ ପ୍ରଗତି ସେତେ ଅଧିକ । ସୁତରାଂ ମୋର ସମୟ ଆଦୌ

Digitized by srujanika@gmail.com

ନଷ୍ଟ ହୋଇନ । ଏହାଦ୍ୱାରା ବରଂ ମୋର ସମସ୍ତର ସଦ୍‌ବ୍ୟବହାର ହୋଇଛୁ ।" —ମ୍ୟାନେଜରବାବୁ ହସି ହସି କହିଲେ ।

"ଜାଣିଲ ଜେଜେ, ତମେ ତ ବର୍ଷେ ହେବ ବ୍ୟାଙ୍କ୍‌କୁ ଆସୁଥିଲ; କନ୍ତୁ ମୁଁ ଏନ୍ତଦ୍ଦନ ଆସି ବ୍ୟାଙ୍କ୍ ବିଷୟରେ ସାହା ଜାଣିଲଣି ତମେ ସେ ଭୁଜନାରେ ଖୁବ୍ କମ୍ ଜାଣିଛ । ଆଜ ଘରେ ମୁଁ ତମକୁ ପ୍ରଶ୍ନ କରିବ—ଦେଖିବ ତମେ କ ଉତ୍ତର ଦେବ ?" —କୁନ୍‌ମୁନ୍ ହସି ହସି କହିଲା ।

"ଆରେ ତମେମାନେ ସବୁ ଆଜକାଲିକା ପିଲ—ଆମେମାନେ ପୁରୁଣାକାଲିଆ ମଣିଷ, ତମକୁ କଣ ପାରିବୁ ?" —ଜେଜେ ହସି କହିଲେ ।

ଏହା ଶୁଣି ସମସ୍ତେ ହସିଉଠିଲେ ।

ମ୍ୟାନେଜରବାବୁ ତାଙ୍କର ବହୁ ମୂଲ୍ୟବାନ୍ ସମୟ ଦେଇ କୁନ୍‌ମୁନ୍‌କୁ ବ୍ୟାଙ୍କ୍ ବିଷୟରେ ବୁଝାଇଥିବାରୁ ପାମନ୍ତ୍ରସ୍ତ୍ରବାବୁ ତାଙ୍କୁ ଧନ୍ୟବାଦ ଦେଲେ ।

ଉଭୟେ ଘରକୁ ଫେରିବା ପୂର୍ବରୁ ମ୍ୟାନେଜରବାବୁଙ୍କୁ ନମସ୍କାର କଲେ । ମ୍ୟାନେଜରବାବୁ ପ୍ରତ୍ୟନମସ୍କାର କରିବା ସଙ୍ଗେ ସଙ୍ଗେ ଆଉ କେବେ କୌଣସି ବିଷୟରେ କୁନ୍‌ମୁନ୍ ଜାଣିବାକୁ ଚାହିଁଲେ ତାକୁ ନେଇ ଆସିବାକୁ ପାମନ୍ତ୍ରସ୍ତ୍ରବାବୁଙ୍କୁ କହିଲେ ।

ଜେଜେ ଓ ନାତୁଣୀ ହସ ହସ ମୁହଁରେ ମ୍ୟାନେଜରବାବୁଙ୍କଠାରୁ ବିଦାୟ ନେଇ ଘରକୁ ଫେରିଗଲେ ।

Digitized by srujanika@gmail.com